# ପୋଡ଼ାମାରିରେ ବ୍ୟାପିଲା ଝାଡ଼ାବାନ୍ତି; ଜଣେ ମୃତ

- ଚିକିତ୍ସିତ ହେଉଛନ୍ତି ବହୁ ଆକ୍ରାନ୍ତ
- ପିଏଚ୍‌ସିରେ ନାହାନ୍ତି ଡାକ୍ତର

ସାନଖେମୁଣ୍ଡି,୨।୭(ସମିସ)

ଯାଜପୁରରେ ଝାଡ଼ାବାନ୍ତି ଏକାଧିକ ମୁଣ୍ଡ ନେଇଥିବାବେଳେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ତାଳପୁର ଗ୍ରାମର ଗଙ୍ଗା ନାୟକଙ୍କ ମୃତ୍ୟୁ ଘଟିଛି। ପୋଡ଼ାମାରି ପଞ୍ଚାୟତର ପୋଡ଼ାମାରି, ତାଳପୁର ଗ୍ରାମରେ ଏକାଧିକ ଲୋକ ଆକ୍ରାନ୍ତ ମଧ୍ୟ ହୋଇଥିବା ଜଣାପଡିଛି। ପୋଡ଼ାମାରି ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡ଼ାକ୍ତର ନଥିବାରୁ ଅଞ୍ଚଳର ଯଦି କୌଣସି ଲୋକଙ୍କୁ ସାମାନ୍ୟ ଝାଡ଼ାବାନ୍ତି ହୁଏ ତେବେ ବେସରକାରୀ ଡାକ୍ତରଖାନାକୁ ଯାଇ ଚିକିତ୍ସା ହୋଇଥାନ୍ତି। ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିବା ହେତୁ ଆଶାକର୍ମୀମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସହ ଲୋକଙ୍କ ସମସ୍ୟା ବୁଝୁଛନ୍ତି ଏବଂ ଲୋକଙ୍କୁ ଓଆରଏସ୍ ଓ ଔଷଧ ମଧ୍ୟ ବାଣ୍ଟୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବାହାନା ଦାସ କହିଛନ୍ତି। ସେହିପରି ମିଶନ ଶକ୍ତି ମହିଳାମାନେ ଗ୍ରାମର ବିଭିନ୍ନ ଅଞ୍ଚଳରେ ବୈଠକ କରି ଝାଡ଼ାବାନ୍ତିରୁ କିପରି ରକ୍ଷା ପାଇବେ ସେ ନେଇ ସଚେତନ କରୁଛନ୍ତି। ଡ୍ରେନ ଗୁଡ଼ିକ ସଫା ହେଉନଥିବା ହେତୁ ଝାଡ଼ା ବାନ୍ତି ବ୍ୟାପୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖୁବ୍‌ଶୀଘ୍ର ଡାକ୍ତର ଯୋଗାଇ ଦେବାକୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ରାଜ୍ୟ ସରକାରଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।



## ପୋଖରୀରେ ବୁଡ଼ି ଜଣେ ମୃତ

**କୁକୁଡାଖଣ୍ଡି,୨।୭(ସମିସ):** ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି କରଣ ସାହି ନିକଟରେ ଥିବା ଗାଡୁଲ ବନ୍ଧରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମ କରଣ ସାହିର ଶିବ କୋଠିଆ(୪୯)। ଶିବ ପ୍ରତିଦିନ ଭଳି ବୁଧବାର ମଧ୍ୟାହ୍ନରେ ପୋଖରୀକୁ ଗାଧୋଇବାକୁ ଯାଇଥିଲା। କିନ୍ତୁ ଘରକୁ ଫେରି ନ ଥିଲେ। ଶିବ ପୋଖରୀରେ ଗାଧୋଉଥିବା ଜଣେ ମହିଳା ଦେଖିଥିଲେ ମାତ୍ର ସେ ତୁଠକୁ ଫେରି ନଥିଲେ। ପୋଖରୀରେ ଉବୁଡୁବୁ ହେଉଥିବା ଦେଖି ତାଙ୍କ ଘରେ ଖବର ଦେଇଥିଲା। ଘର ଲୋକେ ଯାଇ ଦେଖିଲା ବେଳକୁ ପୋଖରୀ ହୁଡାରେ ଜୋତା ସହ ଗାମୁଛା ପଡ଼ିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲ ପଠାଇଛି।

## ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



**ଆସିକା,୨।୭(ସମିସ):** ଗଞ୍ଜାମ ଜିଲ୍ଲାର ଲାଇଫ୍ ଲାଇନ କୁହାଯାଉଥିବା ଋଷିକୁଲ୍ୟା ଓ ବଡ଼ ନଦୀର ସଙ୍ଗମ ସ୍ଥଳର ବିଭିନ୍ନ ସ୍ଥାନରୁ ବେଆଇନ ବାଲି ଚାଲାଣ ହେଉଛି। ଏହାକୁ ସ୍ଥାନୀୟ ଲୋକ ବିରୋଧ କରି ଆସୁଥିବା ନଜିର ରହିଥିବା ବେଳେ ରାଜସ୍ୱ ଓ ଖଣି ବିଭାଗର ମଧୁ ଚନ୍ଦ୍ରିକାରେ ବେଆଇନ ବାଲି ଘାଟ ଚାଲିଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରି ବେଆଇନ ବାଲି ଚାଲାଣକୁ ବନ୍ଦ କରାଯାଇଥିବା ବେଳେ ବୁଧବାର ଆସିକା ବ୍ଲକ ଅନ୍ତର୍ଗତ ରିସିପୁର ଗାଁ ପାଶ୍ୱର୍ରେ ଯାଇଥିବା ବଡ଼ ନଦୀରୁ ବେଆଇନ ବାଲି ଚାଲାଣକୁ ନେଇ ରିସିପୁର ଗାଁ ସମେତ ଆଖ ପାଖ ଅଞ୍ଚଳର ପୁରୁଷ ଓ ମହିଳା ମାନେ ବିରୋଧ କରିଛନ୍ତି। ଆସିକା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ଗାଁ ଦେଇ ବାଲି ବୋଝେଇ ଗାଡି ଯାତାୟାତ ଯୋଗୁଁ ରାସ୍ତା ଘାଟ ଖରାପ ହେଉଥିବା ଲୋକ କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

## 'ମଝି ନଈରେ ମୋ ଜୀବନ ଡଙ୍ଗା' ମଞ୍ଚସ୍ଥ



**ଦିଗପହଣ୍ଡି,୨।୭(ସମିସ):** ଶ୍ରୀଗୁଣ୍ଡିଚା ଯାତ୍ର ଉପଲକ୍ଷେ ସାମାଜିକ ନାଟକ 'ମଝି ନଈରେ ମୋ ଜୀବନ ଡଙ୍ଗା' ଦିଗପହଣ୍ଡି ବ୍ଲକ ଭ୍ରମରପୁର ବଡ଼ଦାଣ୍ଡ ବ୍ରାହ୍ମଣ ସାହିରେ ମଞ୍ଚସ୍ଥ ହୋଇଯାଇଛି। ଗ୍ରାମର ଶ୍ରୀଗୋପୀନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁଶାନ୍ତ ଷଡଙ୍ଗୀଙ୍କ ସହଯୋଗରେ ପରିବେଷିତ ନାଟକକୁ ନୂଆପଡ଼ା ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଏସ.ଆଇ ଜଗବନ୍ଧୁ ବାର୍ଲା ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଗୌଡ଼ଗାଁ ସରପଞ୍ଚ ପ୍ରତିନିଧି ଆଦିତ୍ୟ ସାହୁ, ପୀତବାସ ଚଣ୍ଡ, କୈଳାସ ସାହୁ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ରାଧାକାନ୍ତ ନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଗ୍ରାମର କଳାକାରଙ୍କ ଉଚ୍ଚକୋଟୀର ଅଭିନୟ ଦର୍ଶକଙ୍କୁ ଆମୋଦିତ କରିଥିଲା।

## ଚାରା ରୋପଣ କଲେ ବିଚାରପତି



**ଦିଗପହଣ୍ଡି,୨।୭(ସମିସ):** ଦିଗପହଣ୍ଡି ତାଲୁକା ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ବୁଧବାର ଦିଗପହଣ୍ଡି କୋର୍ଟର ଅତିରିକ୍ତ ଦେୱାନୀ (କନିଷ୍ଠ ଶ୍ରେଣୀ) ବିଚାରପତି ନୀଳିମା ଷଡ଼ଙ୍ଗୀ ଚାରାରୋପଣ କରିଛନ୍ତି। ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ଷଡ଼ଙ୍ଗୀ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ପରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏଥିରେ ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ବନପାଳ ସନ୍ତୋଷ କୁମାର ବିଷୋୟୀ ରତ୍ନ, ଆଇନସେବା କମିଟିର ସମ୍ପାଦକ ପ୍ରଦୀପ କୁମାର ପୁରୋହିତ, ରିମାଣ୍ଡ ଲୟର୍ ସନ୍ତୋଷ କୁମାର ସାହୁ, ବିଚାର ବିଭାଗୀୟ କର୍ମଚାରୀ ଶିବରାମ ସାହୁ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ପପୁନ ମହାରଣା, ନିରଞ୍ଜନ ଶବର, ଶିଶୁମନ୍ଦିରର କର୍ମଚାରୀ ଓ ବିଦ୍ୟାର୍ଥୀ ସହଯୋଗ କରିଥିଲେ।

ତେଲଙ୍ଗାନା ଫାର୍ମା କମ୍ପାନୀ ବିସ୍ଫୋରଣ ଘଟଣା

## ଜନ୍ମମାଟିରେ ପହଞ୍ଚିଲା ଜଗନଙ୍କ ମୃତଦେହ

**ଛତ୍ରପୁର,୨।୭(ସମିସ):** ତେଲଙ୍ଗାନାର ସାଙ୍ଗରେଡ଼ି ଜିଲ୍ଲାର ସିଗାଚି ଫାର୍ମା କିମ୍ପାନୀରେ ହୋଇଥିବା ବିସ୍ଫୋରଣରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏବେବି ବହୁ ଲୋକ ନିଖୋଜ ରହିଛନ୍ତି। ମୃତକ ଓ ଆହାତ ମଧ୍ୟରେ ଗଞ୍ଜାମ ଜିଲ୍ଲାର ମଧ୍ୟ କେତେଜଣ ରହିଥିବା ସୂଚନା ରହିଛି। ମୃତକଙ୍କ ମଧ୍ୟରେ ଛତ୍ରପୁର ରାମକିଷ୍ଣା ନଗରର ଆର.ଭି. ଜଗନ ମୋହନ(୫୭) ରହିଛନ୍ତି। ବୁଧବାର ସକାଳୁ ତାଙ୍କ ମୃତଦେହ ଜନ୍ମମାଟିକୁ ଫେରିଛି। ପରେ ତାଙ୍କ ଶେଷକୃତ୍ୟ କରାଯାଇଥିଲା। ସେ ଦୀର୍ଘ ୩୫ ବର୍ଷ ହେଲା ପରିବାର ସହ ତେଲଙ୍ଗାନାରେ ରହୁଥିବା ବେଳେ ଉକ୍ତ କମ୍ପାନୀରେ ସେ ଦୀର୍ଘ ୨୦ ବର୍ଷ ହେଲା କାମ କରୁଥିଲେ। ଏବେବି ଜିଲ୍ଲାର ଅନେକ ଲୋକ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି କମ୍ପାନୀରେ ୧୪୦ରୁ ୧୫୦ ଜଣ ଶ୍ରମିକ କାମ କରୁଥିବା ମୃତକଙ୍କ ପରିବାର ବର୍ଗ କହିଛନ୍ତି । ତେଲଙ୍ଗାନା ସରକାର ମୃତକ ପରିବାରକୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ବୋଲି କହିଛନ୍ତି। ଓଡିଶା ସରକାର ମଧ୍ୟ କିଛି ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି। ଛତ୍ରପୁରରେ ବୁଧବାର ଶବ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ। ମୃତ ଜଗମୋହନଙ୍କ ଦୁଇ ପୁଅ ଓ ସ୍ତ୍ରୀ ସେଠାରେ ରହୁଥିଲେ। ଅପରପକ୍ଷେ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି।



● ଓଏଏସ୍‌ଙ୍କ ଆନ୍ଦୋଳନ

## ସରକାରୀ କାର୍ଯ୍ୟ ଠପ୍

**ଧରାକୋଟ,୨।୭(ସମିସ):** ଭୁବନେଶ୍ୱର ବିଏମସିର ଅତିରିକ୍ତ କମିଶନରଙ୍କୁ ବିଜେପି କର୍ମୀ ଓ ନେତାଙ୍କ ଆକ୍ରମଣ ଘଟଣାର ପ୍ରତିବାଦରେ ସମଗ୍ର ରାଜ୍ୟରେ ଓଏଏସ ସଂଘ ଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହାକୁ ସହଯୋଗ କରୁଛନ୍ତି ଓଆରଏସ ସଂଘ। ଯାହାର ପ୍ରଭାବ ଧରାକୋଟରେ ଦେଖିବାକୁ ମିଳିଛି। ବୁଧବାର ଧରାକୋଟ ବ୍ଲକ, ତହସିଲ ଓ ଅନୁନିବନ୍ଧକ କାର୍ଯ୍ୟାଳୟରେ ଖାଁ ଖାଁ ପରିବେଶ ଦେଖିବାକୁ ମିଳିଥିଲା। ବ୍ଲକର ୧୮ଟି ପଞ୍ଚାୟତରୁ ଶହ ଶହ ଲୋକ ନିଜର ସରକାରୀ କାର୍ଯ୍ୟ ପାଇଁ ଆସି ନିରାଶ ହୋଇ ଫେରିଛନ୍ତି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ରାଜସ୍ୱ ବିଭାଗର କାର୍ଯ୍ୟ ଏବଂ ଜମିବାଡ଼ି କିଣା ବିକା କାର୍ଯ୍ୟ ହୋଇପାରିନାହିଁ। ବିଡିଓ, ତହସିଲଦାର ଓ ଭାରପ୍ରାପ୍ତ ଅନୁନିବନ୍ଧକ ଓଏଏସ ଅଧିକାରୀ ରଜ୍ୟ ସଙ୍ଘର ନିଷ୍ପତ୍ତିକୁ ସମ୍ମାନ ଜଣାଇ କାର୍ଯ୍ୟବନ୍ଦ ଆନ୍ଦୋଳନରେ ନିଜକୁ ସାମିଲ କରିଥିବାରୁ ଉପରୋକ୍ତ କାର୍ଯ୍ୟାଳୟ ଗୁଡିକରେ ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଛି। ଫଳରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ କାର୍ଯ୍ୟାଳୟରେ ଏଭଳି ଅଚଳାବସ୍ଥା ଯୋଗୁଁ ଲୋକେ ନାହିନଥିବା ପରିସ୍ଥିତିର ସମ୍ମୁଖୀନ ହେବାସହ ଅସନ୍ତୋଷ ପ୍ରକାଶ କରିଛନ୍ତି।




## ଗୃହରକ୍ଷୀ ଫେରାଇଲେ ଆଇଫୋନ୍ ଓ ଟଙ୍କା



**କୋଦଳା,୨।୭(ସମିସ):** କୋଦଳା ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ରଶ୍ମି ରଞ୍ଜନ ପଣ୍ଡାଙ୍କ ମହାନତା ଦେଖାଇଛନ୍ତି। ମୁଖ୍ୟରାସ୍ତା କଡ଼ରୁ ପାଇଥିବା ଆଇ ଫୋନ୍ ଏବଂ ଟଙ୍କା ପ୍ରକୃତ ମାଲିକକୁ ଫେରାଇଛନ୍ତି। ରଶ୍ମି ରଞ୍ଜନ ବୁଧବାର ସକାଳୁ କୋଦଳା ମୁଖ୍ୟରାସ୍ତା ନିକଟସ୍ଥ ପେଟ୍ରୋଲ ପମ୍ପ ପାଖରୁ ଗୋଟିଏ ଆଇ ଫୋନ୍ ଏବଂ ୧୨୦୦ ସହ ଟଙ୍କା ପଡ଼ିଥିବାର ଦେଖିଲେ। ଏହାକୁ ନିଜ ପାଖରେ ରଖିବା ସହ ଏହି ଫୋନ୍ ଏବଂ ଟଙ୍କା କାହାର ଅନୁସନ୍ଧାନ କରିଥିଲେ। ଶେଷରେ ମୋବାଇଲ୍ ମାଲିକ ଜେ. ଛଟିନା ଗ୍ରାମର ଜିତେନ୍ଦ୍ର ପ୍ରଧାନଙ୍କୁ ତାଙ୍କର ମୋବାଇଲ୍ ଏବଂ ଟଙ୍କା ପ୍ରଦାନ କରିଛନ୍ତି ଶ୍ରୀ ପଣ୍ଡା। ଟଙ୍କା ଏବଂ ମୋବାଇଲ୍ ଫୋନ ଫେରି ପାଇଥିବାରୁ ଜିତେନ୍ଦ୍ର ଖୁସି ବ୍ୟକ୍ତ ପ୍ରକାଶ କରିବା ସହ ରଶ୍ମି ରଞ୍ଜନଙ୍କ ଏହି ମହାନତା ପାଇଁ ସାଧୁବାଦ ଜଣାଇଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ପାତ୍ରପୁର,୨।୭(ସମିସ):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ଠାରେ ବୁଧବାର ଚିକିଟି ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ପ୍ରଥମେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସାମନ୍ତିଆପଲ୍ଲୀ ଠାରେ ନିର୍ମିତ ଗୋଷ୍ଠୀ ମଣ୍ଡପ ଓ ବିଶ୍ରାମାଗାର ଉଦ୍‌ଘାଟନ କରିଥିବା ବେଳେ ମା' ବାଗଦେବୀ ମନ୍ଦିର ପ୍ରାଙ୍ଗଣରେ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର, ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମା' ବାଗଦେବୀ ମନ୍ଦିର ଗୋଷ୍ଠୀ ମଣ୍ଡପ ଠାରେ ଏକ ସଭା ଆୟୋଜନ ହୋଇଥିବା ବେଳେ ଉକ୍ତ ସଭାରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସାମନ୍ତରାଙ୍କ ସମେତ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ ସଞ୍ଜୁକ୍ତା ରେଡ୍ଡି, ନାରୀନେତ୍ରୀ ମୀନା ଦ୍ୟାନସାମନ୍ତରା, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ, ସଞ୍ଜୟକୁମାରମହାନ୍ତି, ହାରିକ୍ରିଷ୍ଣାରେଡିଙ୍କସହିତବହୁଦଳୀୟନେତାଓକର୍ମୀସାମିଲଥିଲେ।



## ସାବୁଳିୟାରେ ଜଗନ୍ନାଥଙ୍କ ପର୍ଶୁରାମ ଅବତାର



**ରମ୍ଭା,୨।୭(ସମିସ):** ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସାବୁଳିଆ ଗୁଣ୍ଡିଚା ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳା ୯ ଦିନ ଧରି ଚାଲୁ ରହିଛି। ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ଗୁଣ୍ଡିଚା ମନ୍ଦିରରେ ବିଭିନ୍ନ ଦିନ ଭିନ୍ନ ଭିନ୍ନ ବେଶରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ବୁଧବାର ପର୍ଶୁରାମ ଅବତାରରେ ଶ୍ରୀ ଜଗନ୍ନାଥ ଦର୍ଶନ ଦେଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ଏହି ବେଶ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ। ତତ୍‌ସହିତ ଗୁଣ୍ଡିଚା ମନ୍ଦିରର ଚର୍ତୁପାଶ୍ୱର୍ ରଙ୍ଗବେରଙ୍ଗର ଆଲୋକସଜ୍ଜା ସହ ବିଭିନ୍ନ ମିଷ୍ଟାନ୍ନ ଦୋକାନ ଖୋଲା ରହିଛି। ଏଥି ସହିତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ତା ସାଙ୍ଗକୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନର ଭୋଗରାଗ କରାଯାଉଛି।

## 'କେତେ ଦୁଃଖ ଦେବୁ କହ ଦଇବ' ମଞ୍ଚସ୍ଥ



**ଶେରଗଡ,୨।୭(ସମିସ):** ଶେରଗଡ ବ୍ଲକ ଅଲାରିଗଡ଼ ଗ୍ରାମ ଆଡ଼ପ ମଣ୍ଡପ ପ୍ରାଙ୍ଗଣରେ ସ୍ୱପ୍ନେଶ୍ୱର ନାଟ୍ୟ ସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ 'କେତେ ଦୁଃଖ ଦେବୁ କହ ଦଇବ' ମଞ୍ଚସ୍ଥ ହୋଇଯାଇଛି। ନବୀନ କୁମାର ମହାପାତ୍ରଙ୍କ ରଚିତ ଯୁବ ନିର୍ଦ୍ଦେଶକ ମନୋଜ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ମୁଖ୍ୟ ପରିଚାଳକ ଶିବରାମ ଭୂୟାଁ, ସଭାପତି ଅରୁଣ ଜେନା ଏବଂ ଅଲାରିଗଡ ଗ୍ରାମବାସୀଙ୍କ ମିଳିତ ଆୟୋଜନରେ ଅତିଥି ରୂପେ ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ଉପାଧକ୍ଷା ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପୀତାମ୍ବର ସ୍ୱାଇଁଙ୍କ ସହିତ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଏହି ନାଟକ ମାଧ୍ୟମରେ ଗ୍ରାମରେ ଏକତା ଓ ଭାଇଚାରା ସୃଷ୍ଟି ହେଉଛି ବୋଲି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ପ୍ରକାଶ କରିଥିଲେ। ହୃଷୀକେଶ ଭୂୟାଁ, ଫିଲିମ ଜେନା, ମନୋଜ ସ୍ୱାଇଁ, ଅରୁଣ ଜେନା, ଅମିତ କୁମାର ସ୍ୱାଇଁ, ତୋଫାନ ସ୍ୱାଇଁ, ଜିଲୁ ଜେନା, ସେସନ ଭୂୟାଁ, ସେସନ ପ୍ରଧାନ, ଶିଶିର ଜେନା, ସିଲୁ ଜେନା, ଶିବ ସ୍ୱାଇଁ, ଶିଶୁ କଳାକାର ଆୟୁଷ, ଶ୍ରୀଜଲ ପ୍ରମୁଖ ନିଖୁଣ ଅଭିନୟ କରିଥିବା ବେଳେ ଗ୍ରାମର ଛୋଟ ବଡ଼ ସମସ୍ତେ ସହଯୋଗ କରିଥିଲେ।

ତେଲୁଗୁ ନୂଆଗାଁ ଆକ୍ରମଣ ଘଟଣା

## ପୁଲିସ୍ କବ୍‌ଜାରେ ୩ ନାବାଳକଙ୍କ ସମେତ ୫ ଅଭିଯୁକ୍ତ

**ଛତ୍ରପୁର/ଗଞ୍ଜାମ,୨।୭(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ତେଲୁଗୁ ନୂଆଗାଁ ଗ୍ରାମରେ ମଙ୍ଗଳବାର ରାତିରେ ଦୁଇ ଜଣଙ୍କୁ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଗଞ୍ଜାମ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେଥିମଧ୍ୟରୁ ୩ ଜଣ ନାବାଳକ ରହିଥିବା ସୂଚନା ମିଳିଛି। ଏନେଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଙ୍ଗଳବାର ରାତିରେ ତେଲୁଗୁ ନୂଆଗାଁ ଗ୍ରାମର ରିଙ୍କି ବେହେରା ପୂର୍ବରୁ ଗାଳି ଗୁଲଜ କରାଯାଇଥିବା ନେଇ ଗଞ୍ଜାମ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଠେଙ୍ଗା ଓ କାତିରେ ଆକ୍ରମଣ କରିଥିଲେ। ଫଳରେ ରିଙ୍କି ବେହେରା ଓ ଭୀମ ତରେଇ ଆହତ ହୋଇଥିଲେ। ଭୀମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଥିବା ଅଗସ୍ତି ନୂଆଗାଁର ସନିଆ ଗୌଡ଼ ଓ ଶିବ ନାହାକଙ୍କୁ ପୁଲିସ ଗିରଫ କରିଥିବାବେଳେ ୩ ନାବାଳକଙ୍କୁ ସୁଧାର ଗୃହକୁ ପଠାଯାଇଛି। ସେମାନଙ୍କ ଠାରୁ ଦୁଇଟି କାତି ଓ ଗୋଟିଏ ଠେଙ୍ଗା ଜବତ କରାଯାଇଥିବା ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡେଇ ସୂଚନା ଦେଇଛନ୍ତି।

## ଗୋବା ଗ୍ରାମ ଗୋଷ୍ଠୀସଂଘର୍ଷ ଘଟଣା; ୫ ଗିରଫ

କୋଠ ସମ୍ପତ୍ତି ଓ ପୂର୍ବଶତ୍ରୁତା ମୂଳକାରଣ

ଛତ୍ରପୁର,୨।୭(ସମିସ)

ଛତ୍ରପୁର ଥାନା ଅନ୍ତର୍ଗତ ଗୋବା ଗ୍ରାମରେ ମଙ୍ଗଳବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ତୋଫାନ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁଧୀର ସ୍ୱାଇଁ, ରାହୁଲ ସ୍ୱାଇଁ, ନନ୍ଦ ବାରିକ ଓ ଆଦିତ୍ୟ ସାହୁ ଆହତ ହୋଇଥିଲେ। ସୁଧୀରଙ୍କ ଅଭିଯୋଗ କ୍ରମେ ଛତ୍ରପୁର ଥାନା ପକ୍ଷରୁ ନଂ.୪୦୫/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନିରଞ୍ଜନ ସ୍ୱାଇଁ, ହର୍ଷ ସାହୁ, ଗୌରୀ ଶଙ୍କର ସ୍ୱାଇଁ, ଅଖିଳ ସ୍ୱାଇଁ ଓ ତପନ ସାହୁ। ସେମାନଙ୍କ ଠାରୁ ଗୋଟିଏ ଠେଙ୍ଗା ଓ ୩ ହଳ ଜୋତା ଜବତ କରାଯାଇଛି। ଗାଁ କୋଠ ସମ୍ପତ୍ତି ଓ ପୂର୍ବଶତ୍ରୁତାରୁ ଏହି ଘଟଣା ଘଟିଥିଲା ବୋଲି ବୁଧବାର ଛତ୍ରପୁର ଥାନା ପରିସରରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୃଷ୍ଟି କହିଛନ୍ତି। ଏଥିରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡେଇ, ଥାନା ଅଧିକାରୀ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁଲିସ ସୂଚନାନୁସାରେ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ଏଭଳି ତିକ୍ତତା ନେଇ ୨୦୨୩ ରୁ ୨୦୨୫ ମଧ୍ୟରେ ୩ରୁ ୪ଟି ମାମଲା ରୁଜୁ ହୋଇଥିଲା। ନିକଟରେ ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିବା ସହିତ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ୧୨୬ ବିଏନ୍‌ଏସରେ ଉଭୟ ଗୋଷ୍ଠୀଙ୍କୁ ଚେତାବନୀ ଦିଆଯାଇଥିଲା। କିନ୍ତୁ ପୁଣି ଥରେ ମଙ୍ଗଳବାର ଏହି ଘଟଣା ଉଗ୍ରରୂପ ନେଇଥିଲା ବୋଲି ପୁଲିସ କହିଛି। ସେହିପରି ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଅତିରିକ୍ତ ଏସପି ଶ୍ରୀ ପୃଷ୍ଟି କହିଛନ୍ତି।






## ଜନ୍ମବେଦୀରେ ମଣିମାଙ୍କ ବାମନ ଓ ପର୍ଶୁରାମ ଅବତାର

ବ୍ରହ୍ମପୁର,୨।୭(ସମିସ): ପ୍ରତିଦିନ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଭିନ୍ନ ବେଶରେ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି। ସେହିପରି ବୁଧବାର ପ୍ରଭୁ ଜଗନ୍ନାଥ ବାମନ ଅବତାର ଓ ବଡ଼ଠାକୁର ବଳରାମ ପର୍ଶୁରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ସହରର ବହୁ ମାଉସୀ ମା' ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ବିଭିନ୍ନ ପରିଚାଳନା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।







## 'ମୋର ନୁହେଁ ତ, କାହାର ନୁହେଁ'
# ହତ୍ୟାର ଡେମୋ ଦେଖାଇଲା ପ୍ରେମିକ

ବ୍ରହ୍ମପୁର,୨।୭(ସମିସ)

ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ ହାଉସ୍‌ରେ ନିଜ ପ୍ରେମିକାକୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ପ୍ରେମିକ ଲାଞ୍ଜିପଲ୍ଲୀ ଉମାନଗର ପ୍ରଥମ ଲାଇନ୍‌ର ବାବୁ ମହାରଣାଙ୍କ ପୁଅ ଅଭୟ କୁମାର ମହାରଣା(୨୪) ଗିରଫ ହୋଇଛି। ବୁଧବାର ପ୍ରିୟାଙ୍କ ମୃତଦେହ ଏମ୍‌କେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଅଭିଯୁକ୍ତ ଅଭୟଙ୍କୁ ନେଇ ଗେଷ୍ଟ ହାଉସରେ କ୍ରାଇମ୍ ସିନ୍ ରିକ୍ରିଏସନ କରିଥିଲା ପୁଲିସ। କିଭଳି ପ୍ରିୟାଙ୍କୁ ଛୁରୀ ଭୂସି ହତ୍ୟା କରିଥିଲା, ସେନେଇ ଡେମୋ ଦେଖାଇଥିଲା ଅଭୟ। ହତ୍ୟା ପରେ ଅଭୟ ନିଜର ଓ ପ୍ରେମିକା ପ୍ରିୟାର ମୋବାଇଲକୁ ନେଇ ବିଜିପୁର ପୋଖରୀରେ ଫୋପାଡ଼ି ଦେଇଥିବା କହିବା ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ବନ୍ଧରେ ଖୋଜା ଖୋଜି କରାଯାଇଥିଲା। ଅଭୟଙ୍କ ମୋବାଇଲ ମିଳିଥିବା ବେଳେ ପ୍ରିୟା ମୋବାଇଲ ମିଳିନାହିଁ। ଉଭୟଙ୍କ ମୋବାଇଲରେ ଶାରୀରିକ ସମ୍ପର୍କର ଭିଡ଼ିଓ ରହିଥିଲା। ଯାହାକୁ ନଷ୍ଟ କରିବା ପାଇଁ ଅଭୟ ପୋଖରୀରେ ଫିଙ୍ଗିଥିଲା। ପାଣିରେ ପଡ଼ିବା ଦ୍ୱାରା ମୋବାଇଲ ଆଉ ଖୋଲୁ ନଥିବାବେଳେ ଏଥିରୁ ତଥ୍ୟ ହାସଲ ପାଇଁ ଫରେନ୍‌ସିକ୍ ଲାବ୍‌କୁ ପଠାଯାଇଛି। ଏଥିରୁ ବହୁ ତଥ୍ୟ ମିଳିବ ବୋଲି ବ୍ରହ୍ମପୁର ଏସ୍‌ପି ଡ଼ାକ୍ତର ସର୍ବଣା ବିବେକ ଏମ୍ କହିଛନ୍ତି। ଅନ୍ୟପଟେ ଆଜି ହତ୍ୟାକାରୀ ପ୍ରେମିକ ଅଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ହତ୍ୟାରେ ବ୍ୟବହୃତ ଛୁରୀକୁ ମଧ୍ୟ ଜବତ କରାଯାଇଥିବା ସୂଚନା ଦେଇଛନ୍ତି ଏସ୍‌ପି। ତେବେ ପିଲାଟିଦିନରୁ ଭଲ ପାଉଥିବା ପ୍ରିୟା ଅନ୍ୟତ୍ର ବିବାହ କରିବାକୁ ଯାଉଥିବାରୁ ରାଗରେ ଅଭୟ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ପ୍ରେମିକା ଶରୀରରେ ୧୫ରୁ ଅଧିକ ଥର ଛୁରି ଭୂସି ପ୍ରେମିକ ହତ୍ୟା କରିଥିଲା। ଏହି ସମୟରେ ଅଭୟଙ୍କ ହାତରେ ମଧ୍ୟ ଆଘାତ ଲାଗିଥିଲା। ହତ୍ୟା ପରେ ଉକ୍ତ ଗେଷ୍ଟ ହାଉସ୍‌ର ୧୧୨ନଂ ରୁମ୍ ଭେଣ୍ଟିଲେଟରରେ ରକ୍ତଭିଜା ଛୁରୀକୁ ଲୁଚାଇ ରଖିଥିଲା ଅଭୟ। ପରେ ପ୍ରେମିକାର ମୋବାଇଲ ଓ ଅନ୍ୟାନ୍ୟ ଜିନିଷକୁ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା।



- ପିଲାଦିନର ବାନ୍ଧବୀ ଅନ୍ୟକୁ ବିବାହ କରିବ ଭାବି ବିଚଳିତ ଥିଲା
- ହତ୍ୟା ପରେ ନିଜର ଓ ପ୍ରିୟାର ମୋବାଇଲକୁ ବିଜିପୁର ବନ୍ଧରେ ଫିଙ୍ଗିଥିଲା
- ମୋବାଇଲରେ ଥିଲା ଶାରୀରିକ ସମ୍ପର୍କର ଭିଡ଼ିଓ ଓ ଫଟୋ

ସେଠାରୁ ଚମ୍ପଟ ମାରିବା ପରେ ଚିକିତ୍ସା ପାଇଁ ସିଟି ହସ୍ପିଟାଲକୁ ଯାଇଥିଲେ। ସେଠାରେ ହାତରେ ପଟି ବାନ୍ଧିବା ପରେ ବିଜିପୁର ବନ୍ଧରେ ୨ଟି ମୋବାଇଲ୍ ଫୋପାଡ଼ି ଦେଇଥିଲା। ଏହାପରେ ଗୋଷାଣୀନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା। ଏହାପରେ ଘଟଣା ସମ୍ପର୍କରେ ପ୍ରିୟାଙ୍କ ପରିବାରକୁ ପୁଲିସ ଜଣାଇଥିଲା।



ତେବେ ପ୍ରିୟା ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀରେ ଏକ ଘରୋଇ ହସ୍‌ପିଟାଲରେ ଲାବ୍ ଟେକ୍‌ନିସିଆନ ଭାବେ କାମ କରୁଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ହସ୍‌ପିଟାଲ ଯାଉଛି କହି ଘରୁ ବାହାରିଥିଲେ ମଧ୍ୟ ନ ଯାଇ ପୁଷ୍ପାଞ୍ଜଳୀ ଗେଷ୍ଟ ହାଉସ୍‌କୁ ଯାଇଥିଲେ। ଅପରାହ୍ନ ୧୧.୧୫ରେ ପ୍ରଥମେ ଗେଷ୍ଟ ହାଉସ୍‌ରେ ଅଭୟ ପହଞ୍ଚିଥିବାବେଳେ କିଛି ସମୟ ପରେ ପ୍ରିୟା ପହଞ୍ଚିଥିଲେ। କିଛି ସମୟ ଧରି କଥାବାର୍ତ୍ତା ପରେ ଅଭୟ ପ୍ରିୟାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ଅଭୟ ଛୁରୀ ଭୂସି ହତ୍ୟା କରିଥିଲେ।

ପ୍ରିୟା ଓ ଅଭୟ ପିଲାଟି ଦିନର ବନ୍ଧୁ ରହିଥିବା ବେଳେ ହଠାତ୍ ଏଭଳି ଅଭୟ ପ୍ରିୟାଙ୍କ ମାରିବା ଘଟଣା ପ୍ରିୟାଙ୍କ ପରିବାର ଲୋକଙ୍କୁ କଷ୍ଟ ଦେଇଛି। ଅଭିଯୁକ୍ତ ଅଭୟଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି ମୃତ ପ୍ରିୟାଙ୍କ ବାପା ପ୍ରଭାକର ମହାରଣା। ପ୍ରିୟାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ହତ୍ୟା ଘଟଣାର ଅଧିକ ତଥ୍ୟ ମିଳିପାରିବ ପୁଲିସ ପକ୍ଷରୁ କୁହାଯାଇଛି।

## ମିଶିରି କାରଖାନାରେ ପୁଲିସ ଚଢ଼ଉ; ମାଲିକ ଅଟକ



ବ୍ରହ୍ମପୁର,୨।୭(ସମିସ): ସସ୍, ଆଚାର, ମସଲା ପରେ ମିଶିରି କାରଖାନା ଉପରେ ଚଢ଼ଉ କରିଛି ପୁଲିସ। ମିଶିରି ପ୍ରସ୍ତୁତି ସମୟରେ କିଛି ଦ୍ରବ୍ୟକୁ ଅପମିଶ୍ରିତ କରାଯାଇ ବଜାରରେ ବିକ୍ରି ହେଉଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରଫ ଓ ତାଙ୍କ ଟିମ୍ ଏବଂ ବିଏମସିର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିତ ଭାବେ ଶାସ୍ତ୍ରୀନଗରରେ ଥିବା ଏକ ମିଶିରି କାରଖାନା ଉପରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ସମ୍ପୃକ୍ତ କାରଖାନାରେ ଅପରିଷ୍କାର ପରିବେଶ ମଧ୍ୟରେ ମିଶିରି ପ୍ରସ୍ତୁତ ହେଉଥିବା ଦେଖିବାକୁ ପାଇଥିଲେ ଖାଦ୍ୟ ନିରାପତ୍ତା ବିଭାଗ ଓ ପୁଲିସ। ଏହାଛଡ଼ା ମିଶିରରେ ମଧ୍ୟ କିଛି ଦ୍ରବ୍ୟକୁ ମିଶ୍ରଣ କରାଯାଉଥିବା ଜାଣିବାକୁ ପାଇଥିଲେ। ମିଶିରି ଅଧିକ ଦିନ ଭଲ ରହିବା ସହିତ ଆଖିକୁ ଆହୁରି ସଫା ଦିଶିବା ନେଇ କିଛି ଦ୍ରବ୍ୟ ମିଶାଯାଉଥିବା ଜଣାପଡ଼ିଥିଲା। ଏହାର ଅଧିକ ସତ୍ୟାସତ୍ୟ ଜାଣିବାକୁ ଖାଦ୍ୟ ନିରାପତ୍ତା ବିଭାଗ ମିଶିରର କିଛି ନମୂନା ସଂଗ୍ରହ କରିଛି। ସଂଗୃହୀତ ନମୂନାକୁ ରାଜ୍ୟ ଖାଦ୍ୟ ନିରାପତ୍ତା ପରୀକ୍ଷାଗାରାକୁ ପଠାଯିବ। ସେଠାରେ ରିପୋର୍ଟ ଆସିବା ପରେ ସମ୍ପୃକ୍ତ କାରଖାନା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ସେପଟେ ମିଶିରିକୁ ଅପମିଶ୍ରିତ କରାଯାଇ ବଜାରରେ ବିକ୍ରି କରାଯାଉଥିବା ଯୋଗୁ ସମ୍ପୃକ୍ତ ମିଶିରି କାରଖାନା ନାମରେ ମାମଲା ରୁଜୁ ହେବା ସହିତ ମାଲିକ ୟୁ ବଦ୍ରୀ ନାରାୟଣଙ୍କୁ ମଧ୍ୟ ଅଟକ ରଖାଯାଇ ଅଧିକ ପଚରାଉଚୁରା କରଯାଉଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍।

## ଓଏଏସ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ; ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

ବ୍ରହ୍ମପୁର,୨।୭(ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନରଙ୍କୁ ବିଜେପି ନେତା ଓ କର୍ମୀମାନେ ଆକ୍ରମଣ କରିଥିଲେ। ଯାହାକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରାଯାଉଥିବାବେଳେ ଏହାର ପ୍ରତିବାଦରେ ରାଜ୍ୟ ଓଏଏସ୍ ସଂଘ ପକ୍ଷରୁ ସମୂହ ଛୁଟି ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହାକୁ ଅନ୍ୟ ଶାଖା ସଂଗଠନ ଗୁଡ଼ିକ ମଧ୍ୟ ସମର୍ଥନ କରୁଛନ୍ତି। ଏହାର ପ୍ରଭାବରେ ସମସ୍ୟା ଦ୍ୱିଗୁଣିତ ହୋଇଛି। ସରକାରୀ କାର୍ଯ୍ୟ ଅନେକ ମାତ୍ରାରେ ବାଧାପ୍ରାପ୍ତ ହୋଇଛି। ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କିଛି ମାତ୍ରାରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ତହସିଲ ସମେତ ଅନ୍ୟାନ୍ୟ ଅଫିସରେ ମଧ୍ୟ ଖାଁ ଖାଁ ପରିବେଶ ଦେଖାଦେଇଛି। ଓଏଏସଙ୍କ ଆନ୍ଦୋଳନ ଯୋଗୁଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବି ବାଧା ଉପୁଜିବା ସହ ରାଜସ୍ୱ ବିଭାଗର କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଲୋକେ ତହସିଲ, ମହାନଗର ନିଗମ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଓଏଏସଙ୍କ ଆନ୍ଦୋଳନ ଯୋଗୁଁ କିଛି କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି।

## ଚାରା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ସୋରଡ଼ା,୨।୭(ସମିସ): ବଡଗଡ ବନବିଭାଗ ପକ୍ଷରୁ ଖାରିଗୁଡ଼ା ଠାରେ ଏକ ଅସ୍ଥାୟୀ ଚାରା ବିକ୍ରୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହାକୁ ସୋରଡ଼ା ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା ଉଦ୍‌ଘାଟନ କରିଥିବା ବେଳେ ଏଠାରେ ବିଭିନ୍ନ ପ୍ରକାରର ଫୁଲ, ଫଳ ସାଙ୍ଗକୁ ମୂଲ୍ୟବାନ ବନଜାତ ଗଛ ରହିଥିବା ଦେଖିବାକୁ ମିଳିଛି। ବନ ସପ୍ତାହ ଚାଲିବା ଯାଏ ଚାରା ବିକ୍ରି କରାଯିବ ବୋଲି କହିଛନ୍ତି ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ। ଅଧକ୍ଷ ଶ୍ରୀ ପଣ୍ଡା କହିଛନ୍ତି ରାଜ୍ୟ ରାଜପଥ କଡରେ ଥିବା ଏହି କାଫେରେ ବାଟୋଇଟିଏ ନିଜର ଭୋକ ଶୋଷ ମେଣ୍ଟାଇବା ସହିତ ଗଛଟିଏ ନେଇ ପ୍ରକୃତି ମା'ର କୋଳ ଭରି ଦେବ। ଏଣୁ ଏହି ଚାରା ବିକ୍ରି କରିବା ପାଇଁ ମହିଳା ମାନଙ୍କୁ ଦାୟିତ୍ୱ ଦେଇଛି ବନ ବିଭାଗ ଯାହାକି ପ୍ରଶଂସନୀୟ।

## ଦାସକାଠିଆ କଳାକାର ସମାବେଶ ଓ ଆଲୋଚନାଚକ୍ର



ବ୍ରହ୍ମପୁର,୨।୭(ସମିସ): ସ୍ଥାନୀୟ ପ୍ରକାଶମ୍ ହଲ୍ ଆନ୍ଧ୍ର ଭାଷା ବିବର୍ଦ୍ଧିନୀ ସମାଜମ୍ ସଭାକକ୍ଷରେ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ ଅନୁଷ୍ଠିତ ହୋଇଛି। ସଂଘର ଦୁଇଦିନିଆ ବାର୍ଷିକୋତ୍ସବ ପାଳନ ଅବସରରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ଉମାଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ମୋହନ ପତି ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାରସ୍ୱତ ସାଧକ ଡଃ. ବିଜୟ ଚନ୍ଦ୍ର ମହାରଣା, ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘ ସଭାପତି ବାଳକୃଷ୍ଣ ମିଶ୍ର, ଉପ ସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା, ଗାୟକ ରାମଚନ୍ଦ୍ର ସାହୁ, ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଦାସକାଠିଆ ନୃତ୍ୟର ବିକାଶ ଓ ରକ୍ଷଣାବେକ୍ଷଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ବୋଲି ଆଲୋଚନାଚକ୍ରରେ ନିଷ୍ପତି ହୋଇଛି। ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନ୍ଦନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା, ଯୋଗିନ୍ଦ୍ର ବେହେରା, ପଞ୍ଚାନନ ଦାଶ, ସାରଥୀ ପଣ୍ଡା, ଗଣପତି ସେଠୀ, ଶ୍ରୀଧର ରଥ, ଗଣେଶ ଦାଶ, ରବି ଗୌଡ଼, ଭଗବାନ ସାହୁ ଓ ଉଲ୍ଲାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର,୨।୭(ସମିସ): ଧର୍ମନଗର ୫ମ ଲାଇନ ସ୍ଥିତ ରୋଟାରୀ କମ୍ୟୁନିଟି ହଲ୍‌ରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଚାର୍ଟାଡର୍ ଆକାଉଣ୍ଟାଣ୍ଟ ଓ ଜାତୀୟ ଡ଼ାକ୍ତର ଦିବସ ପାଳିତ ହୋଇଛି। କ୍ଲବ ସଭାପତି ଡ. ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଛି। ଉତ୍ସବରେ ଡାକ୍ତର କେ. ରୋଶନ କୁମାର, ଡା. ଏନ୍. ହିମାଂଶୁ ଚୌଧୁରୀ, ଡା. ଏମ୍. ଶିବରାମ କ୍ରିଷ୍ଣା, ଡା. ରୋନିତ ସାହୁ, ଡା. ସମ୍ବିତ ବେଗରାୟ ଓ ଡା. ସମୀର ବାଗ୍ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ. ମହେଶ୍ୱର ପାତ୍ର, ଭଗବାନ ପାଢୀ ଓ ସୁଧାଂଶୁଶେଖର ସାବତଙ୍କୁ ମାନପତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂମ୍ପାଦକ ରୋଟାରିଆନ ଅଶ୍ୱିନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ରୋଟାରିଆନ ରଞ୍ଜିତ କୁମାର ପାଢୀଙ୍କ ସମେତ କ୍ଲବର ବହୁ ପୂର୍ବତନ ସଭାପତି ଓ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।




# ଗଞ୍ଜାମ ଜିଲ୍ଲାରେ ହନ୍ତସନ୍ତ ମଧୁମେହ ଓ ରକ୍ତଚାପ ରୋଗୀ

**ପିଏଚ୍‌ସିରେ ମାସାଧିକ ସମୟ ହେବ ମିଳୁନି ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ**

**ଔଷଧ ପାଇଁ ସହର ମୁହାଁ ଗ୍ରାମାଞ୍ଚଳ ରୋଗୀ**

ବ୍ରହ୍ମପୁର,୨।୭(ସମିସ)

ରାଜ୍ୟର ସମସ୍ତ ମେଡ଼ିକାଲ କଲେଜଠାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ରୋଗ ପାଇଁ ରୋଗୀଙ୍କୁ ମାଗଣାରେ ବହୁ ଔଷଧ ପ୍ରଦାନ କରାଯାଉଛି। କିନ୍ତୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବ୍ୟତିକ୍ରମ ଦେଖିôବାକୁ ମଳିଛି। ମୁଖ୍ୟତଃ ମଧୁମେହ ଓ ରକ୍ତଚାପ ନିମନ୍ତେ ଉଦ୍ଦିଷ୍ଟ ଔଷଧ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଫଳରେ ଉକ୍ତ ଔଷଧ ନିମନ୍ତେ ପ୍ରତିମାସରେ ଗ୍ରାମାଞ୍ଚଳ ରୋଗୀମାନେ ସହରର ବିଭିନ୍ନ ହସ୍ପିଟାଲକୁ ଆସୁଥିବା ଜଣାପଡ଼ିଛି। ବ୍ରହ୍ମପୁର ସହରରେ ୭ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ କିଛି ସବସେଣ୍ଟର ରହିଛି। ସହିପରି ଜିଲ୍ଲାରେ ମୋଟ ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ଓ ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି)ରେ ମଧ୍ୟ ସମସ୍ତ ପ୍ରକାର ରୋଗୀମାନଙ୍କ ପାଇଁ ଚିକିତ୍ସାର ବ୍ୟବସ୍ଥା କରାଯାଇଛି। ସାମାନ୍ୟ ଅସୁସ୍ଥ ହେଲେ ରୋଗୀମାନେ ସିଧାସଳଖ ଜିଲ୍ଲାରେ ଥିବା ଉପଖଣ୍ଡ ଚିକିତ୍ସାଳୟ ଓ ଏମକେସିଜି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଫଳରେ ଗ୍ରାମାଞ୍ଚଳ ରୋଗୀମାନେ ସାମାନ୍ୟ ଅସୁସ୍ଥ ଅନୁଭବ କଲେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଜର ଚିକିତ୍ସା କରିପାରିବେ। କିନ୍ତୁ ବିଭିନ୍ନ ଅବ୍ୟବସ୍ଥା ସମେତ ପରିଚାଳନା ତ୍ରୁଟି କାରଣରୁ ବର୍ତ୍ତମାନ ରୋଗୀମାନେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବାକୁ ଯିବା ନିମନ୍ତେ ନାପସନ୍ଦ କରୁଛନ୍ତି। ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଆସୁଥିବା ନିୟମିତ ରୋଗୀଙ୍କ ନିମନ୍ତେ ଅତ୍ୟାବଶୀକ ଔଷଧ ଦିଆଯାଉନଥିବା ଅଭିଯୋଗ ହେଉଛି। ବ୍ରହ୍ମପୁର ସହରର ଗୁଡ଼ସ୍‌ରୋଡ୍ ଓ ଗୋଷାଣିନୂଆଗାଁ ଆରୋଗ୍ୟ ମନ୍ଦିର ସମେତ ଜିଲ୍ଲା ବହୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଅତ୍ୟାବଶୀକ ଔଷଧ ମିଳୁନଥିବା ଅଭିଯୋଗ ରହିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ କିଛି ମାସ ହେବ ମଧୁମେହ ଓ ରକ୍ତଚାପ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ପାଇଁ ବ୍ୟବହାର ହେଉଥିବା ଟେଲିମିଷାରଟନ, ମେଟଫୋରମିନ, ଜିପି-୧ ଓ ଆମ୍ଲୋଡାଇପିନ ପରି ଅତ୍ୟାବଶକୀୟ ଔଷଧ ଉପଲବ୍ଧ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ନଥିବା ସହ ଔଷଧ ପ୍ରଦାନ ପାଇଁ ଇନଡ଼େନ ପଠାଇ ଦିଆଯାଇଥିବା କିଛି ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସୀ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଅତ୍ୟାବଶକୀୟ ଔଷଧ ମିଳୁନଥିବାରୁ ମଧୁମେୟ ଓ ରକ୍ତଚାପରେ ଆକ୍ରାନ୍ତ ଥିବା ବହୁ ରୋଗୀ ସହରର ସିଟି ହସ୍ପିଟାଲ ଓ ଏମକେସିଜି ମେଡ଼ିକାଲ ନିରାୟମ କେନ୍ଦ୍ରରେ ଘଣ୍ଟା ଘଣ୍ଟା ଲାଇନରେ ଛିଡ଼ା ହେଉଛନ୍ତି। ଫଳରେ ଏହି ହସ୍ପିଟାଲ ଗୁଡ଼ିକରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଥିବା ବେଳେ ଗ୍ରାମାଞ୍ଚଳ ମେଡ଼ିକାଲର ଉଦ୍ଦେଶ୍ୟ ସାଧିତ ହେଉନି। ତେଣୁ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ବିଇଏମ୍‌ସି କମିଶନର



ବ୍ରହ୍ମପୁର,୨।୭(ସମିସ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ପରଦର୍ଶନ କରିଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେର୍ସିକେ। ବୁଧବାର ତୁଳସୀ ନଗର ସ୍ଥିତ ଅୟୁଷ୍ମାନ ଆରୋଗ୍ୟ ମନ୍ଦିର ସମେତ ରେଡ଼କ୍ରସ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆସିକା ରୋଡ ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଓ ପ୍ରଦାନ କରାଯାଉଥିବା ସେବା ସମ୍ପର୍କରେ କର୍ମଚାରୀଙ୍କୁ ପଚାରି ବୁଝିଥିଲେ।

## ଅଞ୍ଚଳରେ ନାହିଁ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଲୋକେ; ରାସ୍ତାରୋକ ଚେତାବନୀ

ପାରଳାଖେମୁଣ୍ଡି, ୨।୭ (ସମିସ)



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖାଉଥିବା ବେଳେ ଗଜପତି ଜିଲ୍ଲାରେ ଆଜି ବି ଅନେକ ଅଞ୍ଚଳ ଅଛି ଯେଉଁଠି ମୋବାଇଲ ସେବା ତଥା ଇଣ୍ଟରନେଟର ସୁବିଧା ପହଞ୍ଚି ପାରିନାହିଁ। ଯାହା ବର୍ତ୍ତମାନ ସମୟରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଜିଲ୍ଲାର ରା. ଉଦୟଗିରି ବ୍ଲକ ଛେଲାଗଡ଼, ସିଆଳିଲଟି, ଡାବରଗୁଡା ଆଦି ପଞ୍ଚାୟତରେ ମୋବାଇଲ ସେବା ତଥା ଇଣ୍ଟରନେଟର ସୁବିଧା ଆଜି ଯାଏଁ ନାହିଁ। ମୋବାଇଲ ନେଟ୍‌ୱର୍କ ଉପଲବ୍ଧ ନଥିବାରୁ ଜରୁରିକାଳୀନ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇ ଲୋକଙ୍କ ଜୀବନ ଚାଲିଯାଉଛି। ଏଠି ଛାତ୍ରଛାତ୍ରୀଙ୍କ ଅନଲାଇନ ପାଠପଢ଼ା ବନ୍ଦ, ସରକାରଙ୍କ ମନରେଗା ଯୋଜନାରେ ବ୍ୟାଙ୍କ କାରବାର ହେଉ ଅବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅର୍ଥ କାରବାର ଓ ରାସନକାର୍ଡ ଇ-କେୱାଇସିରେ ବହୁ ସମସ୍ୟା ସୃଷ୍ଟି ହେଉଛି। ସରକାରୀ ଯୋଜନାର ତଥ୍ୟ ଅପଲୋଡ଼୍ ହୋଇ ନପାରି ଏହି ସବୁ ଅଞ୍ଚଳରେ ଯୋଜନାର କାର୍ଯ୍ୟକାରିତା ଉପରେ ସମସ୍ୟା ଦେଖାଦେଉଛି। ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ସହ ବିଭାଗୀୟ ଅଧିକାରୀଙ୍କ ନିକଟରୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଅଞ୍ଚଳବାସୀ। ହେଲେ କୈଣସି ସୁଫଳ ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ବଡ଼ ଧରଣର ଅସନ୍ତୋଷ ଦାନା ବାନ୍ଧୁଛି। ଆଜି ଏହି ସବୁ ଅଞ୍ଚଳର ଜନପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସମସ୍ୟାର ସମାଧାନ ହେଉ ନଥିବାରୁ ଆସନ୍ତା ୧୭ ତାରିଖରେ ଛେଲାଗଡ଼ ଛକ ନିକଟରେ ବ୍ରହ୍ମପୁର ପାରଳାଖେମୁଣ୍ଡି ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ଚେତାବନୀ ଦିଆଯାଇଛି। ଯେବେ ପର୍ଯ୍ୟନ୍ତ ଅଞ୍ଚଳରେ ମୋବାଇଲ ସେବା ଉପଲବ୍ଧ ନ ହେବ ସେତେବେଳେ ଯାଏଁ ଏଭଳି ପ୍ରତିବାଦ ଜାରି ରହିବ ବୋଲି ଅଞ୍ଚଳର ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ କହିଛନ୍ତି।

## ବ୍ରାଉନ୍‌ସୁଗର ଓ ଗଞ୍ଜେଇ ଜବତ; ୩ ଗିରଫ

ବାଲିଗୁଡ଼ା, ୨।୭ (ସମିସ): ବାଲିଗୁଡ଼ାରେ ବ୍ରାଉନ୍‌ସୁଗର ଓ ଗଞ୍ଜେଇ ଜବତ କରି ତିନି ଜଣଙ୍କୁ ଗିରଫ କରିଛି ପୁଲିସ। ଦିନକୁ ଦିନ ବାଲିଗୁଡ଼ା ଅଞ୍ଚଳରେ ବ୍ରାଉନସୁଗରର ଉପଦ୍ରବ ବଢ଼ି ଚାଲିଥିବା ବେଳେ ବହୁଦିନ ପରେ ବ୍ରାଉନସୁଗର କିଙ୍ଗ ବୋଲାଉଥିବା ଦୀପକ କୁମାରକୁ କାବୁ କରିଛି ପୁଲିସ।



ସୂଚନା ଅନୁସାରେ, ଏସ୍‌ଆଇ କିଶୋର ଚନ୍ଦ୍ର ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଟିମ୍ ସହ ପାଟ୍ରୋଲିଂ କରୁଥିବା ବେଳେ ୨ଜଣ ଯୁବକ ଏକ ବାଇକ୍‌ରେ ନୂଆଗାଁରୁ ବାଲିଗୁଡ଼ା ଗଞ୍ଜେଇ ଓ ବ୍ରାଉନସୁଗର ନେଇ ଆସୁଥିବା ଖବର ପାଇ ମାଡ଼ି ବସିଥିଲେ। ଗିରଫ୍ ଯୁବକ ଦୁଇଜଣ ବାଲିଗୁଡ଼ାର ମହେନ୍ଦ୍ର ମଲ୍ଲିକ ଓ ସିମନବାଡ଼ିର ଶିବ ପ୍ରସାଦ ଆଚାରୀ। ଏହି ଦୁଇ ଜଣଙ୍କୁ ପଚାରାଉଚରା କରି ପୁଲିସ ଅନ୍ୟଜଣେ ଯୁବକ ଦୀପକ କୁମାରକୁ ଧରିବାରେ ସଫଳ ହୋଇଥିଲା। ସର୍ଚ୍ଚ ବେଳେ ଘଟଣାସ୍ଥଳରୁ ୨୨ କିଲୋ ଗଞ୍ଜେଇ, ୬ ଗ୍ରାମ ବ୍ରାଉନ୍‌ସୁଗର, ଦୁଇଟି ବାଇକ ସହ ୧୦ ମୋବାଇଲ ଜବତ କରିଛି ପୁଲିସ। ଅଭିଯୁକ୍ତମାନେ ଭୁବନେଶ୍ୱରରୁ ବ୍ରାଉନ୍‌ସୁଗର ଆଣି ବିଭିନ୍ନ ଜାଗାକୁ ପଠାଇବା ସହ ବାଲିଗୁଡ଼ାରେ ନିଜର କାୟା ବିସ୍ତାର କରୁଥିବା ବେଳେ ଖୁବଶୀଘ୍ର ଏଥିରେ ସମ୍ପୃକ୍ତ ଥିବା ମାଫିଆଙ୍କୁ ଗିରଫ୍ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।

## ଲଗାଣ ବର୍ଷା; ବାରଖମା ମୁଖ୍ୟ ରାସ୍ତା ବେହାଲ୍



ବାଲିଗୁଡ଼ା, ୨।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ବାରଖମା ଅଞ୍ଚଳ। କିଛି ସମୟର ଲଗାଣ ବର୍ଷାରେ ବେହଲ ହୋଇଛି ଅଞ୍ଚଳ ଓ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନ ବଜାର ଥିବାରୁ ଡ୍ରେନର ବ୍ୟବସ୍ଥା କରାଯାଇଥିବା ବେଳେ କେବେ ମଧ୍ୟ ଡ୍ରେନ ସଫା କରାଯାଉନଥିବାରୁ ବର୍ଷା ପାଣି ଆସିଲେ ଡ୍ରେନରେ ଥିବା ସମସ୍ତ ଅଳିଆ ଆବର୍ଜନା ମୁଖ୍ୟ ରାସ୍ତାକୁ ଆସୁଥିବା ଦେଖିବାକୁ ମିଳିଛି। ବାଲିଗୁଡ଼ା ବ୍ଲକଠାରୁ ମାତ୍ର ୧୦ କିଲୋମିଟର ଦୂରରେ ବାରଖମା ପଞ୍ଚାୟତ ରହିଛି। ପଞ୍ଚାୟତରେ କୌଣସି ଉନ୍ନତମୂଳକ କାର୍ଯ୍ୟ ହୋଇପାରୁନି। ବିଶେଷ କରି ପାନୀୟ ଜଳ, ଆଲୋକ, ଗମନା ଗମନର ବହୁ ଅସୁବିଧା ଏହି ପଞ୍ଚାୟତରେ ଲାଗି ରହିଛି। ହୋଟେଲ, ଦୋକାନକୁ ଡଷ୍ଟ ବିନ ଦେବା ନିମନ୍ତେ ଅନେକ ଟଙ୍କା ଖର୍ଚ୍ଚ କରି ଡଷ୍ଟ୍‌ବିନ ଅଣାଯାଇଥିଲା ହେଲେ ଆଜି ସେହି ଡଷ୍ଟବିନର ଦେଖାନାହିଁ। ଯାହା ଫଳରେ ବର୍ଷାଦିନ ଆସିଲେ ଡ୍ରେନର ସମସ୍ତ ଅଳିଆ ମୁଖ୍ୟ ରାସ୍ତାରେ ଜମି ରହୁଛି। ଯିବା ଆସିବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଡ୍ରେନ ସଫା ନ ହେବାରୁ ବର୍ଷା ପାଣି କାହା ଘରକୁ ତ କାହା ଦୋକାନରେ ପ୍ରବେଶ କରୁଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

## ୬ ମାସ ହେଲା ଏଟିଏମ୍ ବନ୍ଦ




ରାୟଗଡ଼, ୨।୭ (ସମିସ): ଏଟିଏମ ଅଛି କିନ୍ତୁ ଆଜକୁ ପ୍ରାୟ ୬ ମାସ ହେବ ଅଚଳ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରେ। ଆଜକୁ ପ୍ରାୟ ୬ ମାସରୁ ଅଧିକ ହେବ ଏହି ସମସ୍ୟା ଲାଗି ରହିଥିବା ଅଞ୍ଚଳବାସୀ ଓ ଗ୍ରାହକ ଅଭିଯୋଗ କରିଛନ୍ତି। ଏଥିଯୋଗୁଁ ଏଟିଏମ୍‌କାର୍ଡ଼ଧାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବାକୁ ସାଧରଣରେ ଦାବି ହେଉଛ।

ରାୟଗଡ଼ ବ୍ଲକରେ ୨୧ ପଞ୍ଚାୟତ ରହିଥିବା ବେଳେ ଏଠାକୁ ପ୍ରତ୍ୟେକ ଦିନ ବିଭିନ୍ନ ସରକାରୀ କାର୍ଯ୍ୟ କିମ୍ବା ବ୍ୟବସାୟ ପାଇଁ ଶତାଧିକ ଲୋକ ଆସିଥାଆନ୍ତି। ଏଠାରେ ଥିବା କାନାଡା ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ ଉପରେ ନିର୍ଭର କରିଥାନ୍ତି। କାନାଡ଼ା ବ୍ୟାଙ୍କ ଏଟିଏମଟି ସମ୍ପୃକ୍ତ ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ବେଳେ କେବଳ ବ୍ୟାଙ୍କ ସମୟ ସାରଣୀ ପ୍ରକାରେ ଖୋଲା ରହୁଛି। ଅନ୍ୟ ସମୟରେ ଏହି ବ୍ୟାଙ୍କ ଗ୍ରାହକ ହଇରାଣ ହେଉଥିବା ବେଳେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଉପରେ ଅଧିକ ନିର୍ଭରଶୀଳ ହୋଇଥିଲେ ମଧ୍ୟ ଆଜକୁ ଦୀର୍ଘ ୬ମାସରୁ ଅଧିକ ଦିନ ଧରି ଏଟିଏମ୍ ଅଚଳ ହୋଇ ପଡ଼ିରହିଛି। ଟଙ୍କା ଉଠାଣ ନିମନ୍ତେ ଗ୍ରାହକ ଘଣ୍ଟା ଘଣ୍ଟା ଧରି ବ୍ୟାଙ୍କରେ ଧାଡ଼ିରେ ଠିଆ ହୋଇ ରହୁଛନ୍ତି। କାର୍ଡ଼ଧାରୀଙ୍କ ଠାରୁ ବାର୍ଷିକ ଦେୟ ବ୍ୟାଙ୍କ ନେଉଛି ହେଲେ ମାସ ମାସ ଧରି ଏଟିଏମ୍ ବନ୍ଦ ରହୁଥିଲେ ମଧ୍ୟ ଦୃଷ୍ଟି ଦେଉନାହିଁ। ଏଟିଏମ ଚାର୍ଜ ବାବଦରେ କାହିଁକି ବ୍ୟାଙ୍କ ଟଙ୍କା ନେଇଛନ୍ତି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

## ଛାତ୍ରୀଙ୍କ ଦ୍ୱାରା ଚାରାରୋପଣ ଓ ସଚେତନତା



ଗୋଷାଣି, ୨।୭ (ସମିସ): ଗୋଷାଣି ବ୍ଲକ ଶରଧାପୁର ପଞ୍ଚାୟତ ସଦରମହକୁମାରେ ଥିବା ସରକାରୀ ବିଦ୍ୟାଳୟ ପରିସରରେ ସିୟୁଟିଏମର ଏମ୍‌ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲ୍‌ଚର ଛାତ୍ରୀଙ୍କ ଦ୍ୱାରା ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶରଧାପୁର ସରପଞ୍ଚ ଚେଲ୍ଲି ପ୍ରସାଦ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହାର ଉପକାରିତା ସମ୍ପର୍କରେ ସଚେତନତା କରାଇଥିଲେ। ଏହା ସହ ୭୬ ତମ ବନ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ପି. ଶେଷଗିରି ରାଓ ବୃକ୍ଷର ଉପକାରିତା ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍କୁଲ ଅଫ୍ ଏଗ୍ରିକଲ୍‌ଚରର ଗାଇଡ୍ ଡ. ଜନାନା ଭାରତୀ ପଲେଇ, ଡ. ଡି.ଶରତ କୁମାର, ଡ. ଭି. ତ୍ରିବେଣୀ, ଚାଷୀ ମଧୁସୂଦନ ରାଓ, ସିଏଚ୍. ବାବୁରାଓ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ଆରାଧନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନୀ ଛାତ୍ରୀ ଆରାଧନା ମିଶ୍ର, ପ୍ରତୀକ୍ଷା ପଣ୍ଡା, ଏନ୍. ଭାବନା ଓ ସ୍ମୃତିଶ୍ରୀ ପଟ୍ଟନାୟକ ପରିଚାଳନା କରି 'ଗଛ ଲଗାଅ, ଜୀବନ ବଞ୍ଚାଅ' ସ୍ଲୋଗାନ ସହ ସଚେତନତା ବାର୍ତ୍ତା ଦେଇଥିଲେ। ସିୟୁଟିଏମ୍‌ର ୪ କୃଷି ବିଜ୍ଞାନୀ ଛାତ୍ରୀଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ଜେନାଙ୍କ ଜୟନ୍ତୀ




ପାରଳାଖେମୁଣ୍ଡି, ୨।୭ (ସମିସ): ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରୁ ଦୁଇ ଥର ବିଧାୟକ ହୋଇଥିବା ସ୍ୱର୍ଗତ ବିଜୟ କୁମାର ଜେନାଙ୍କ ୮୩ ତମ ଜନ୍ମ ବାର୍ଷିକୀ ଭୁବନେଶ୍ୱର ସ୍ଥିତ ଦଳପତି ମହାସଭା ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ୱର୍ଗତ ଜେନାଙ୍କ କନିଷ୍ଠ କନ୍ୟା ଝିଲି ଜେନାଙ୍କ ଉପସ୍ଥିତିରେ ଓ ଦଳପତି ସମାଜର କୋଷାଧକ୍ଷ ଲୋକନାଥ ସାମଲଙ୍କ ଆବାହକତ୍ୱ ଏବଂ ଗଜପତି କୃଷ୍ଣଚନ୍ଦ୍ର ମହାରାଜା ସ୍ମୃତି ପରିଷଦ ସାଧାରଣ ସମ୍ପାଦକ ତଥା 'ଶବ୍ଦ ସୁରଭି' ପତ୍ରିକାର ସମ୍ପାଦକ ସଞ୍ଜୟ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରି ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ଚନ୍ଦ୍ର ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ଯୁଗ୍ମ କୃଷି ଉପନିର୍ଦ୍ଦେଶକ ସୁଶୀଲ କୁମାର ଜେନା, ସଂଘର ପୂର୍ବତନ ସମ୍ପାଦକ ମଧୁସୂଦନ ରାଉତଙ୍କ ସମେତ ଅନେକ ସ୍ୱର୍ଗତ ବିଜୟ ପ୍ରେମୀ ଯୋଗଦେଇ ଜୀବନୀ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏହା ସହ ସେ ଦୁଇ ଥର ପାରଳାଖେମୁଣ୍ଡି ବିଧାୟକ, ଦୁଇଥର ଗୋଷାଣି ବ୍ଲକ ଅଧକ୍ଷ ଓ ଗୁରାଣ୍ଡି ପଞ୍ଚାୟତର ଦୁଇ ଥର ସରପଞ୍ଚ ଥିବା ସମୟରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକୁ ମଧ୍ୟ ସ୍ମୃତିଚାରଣ କରାଯାଇଥିଲା।

## ଶ୍ରୀଜୀଉଙ୍କ ରାମ-ପର୍ଶୁରାମ ଅବତାର

ପାରଳାଖେମୁଣ୍ଡି, ୨।୭ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରଥଯାତ୍ରାରେ ପ୍ରବଳ ଜନସମାଗମ ଲାଗି ରହିଛି। ଷଷ୍ଠ ଦିବସରେ ଚତୁର୍ଦ୍ଧାମୂର୍ତ୍ତି ବାମନ ଓ ପର୍ଶୁରାମ ବେଶରେ ଦର୍ଶନ ଦେଇଛନ୍ତି। ଏହି ବେଶ ଦେଖିବା ପାଇଁ ଗୁଣ୍ଡିଚାବାଡିରେ ସମଗ୍ର ଗଜପତି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଶେଷ କରି ବୟସ୍କ ଓ ମହିଳାମାନଙ୍କ ସଂଖ୍ୟା ଅଧିକ ରହିଥିଲା। ଆଜି ପାଗ ମେଘାଚ୍ଛନ୍ନ ରହିବା ସହ ସମୟେ ସମୟେ ଝିପି ଝିପି ବର୍ଷା ଓ ପରେ ପୁଣି ଶୁଖିଲା ପାଗ ଯୋଗୁଁ ପ୍ରବଳ ଜନସମାଗମ ହୋଇଥିଲା।



ଜି.ଉଦୟଗିରି: ଆଡ଼ପ ମଣ୍ଡପରେ ଆଜି ରାମ-ପର୍ଶୁରାମ ଅବତାରରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଏହି ଅବତାରକୁ ଦର୍ଶନ କରିବାକୁ ଭକ୍ତଙ୍କ ଗହଳି ଲାଗି ରହିଥିବା ବେଳେ ସନ୍ଧ୍ୟା ଆଳତୀରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ଦର୍ଶନ ପାଇଁ ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ଶୃଙ୍ଖଳିତ ଦର୍ଶନରେ ସହଯୋଗ କରିଥିଲା।



## କାର୍ ଧକ୍କାରେ ଅଟୋ ଚାଳକ ଗୁରୁତର

ଚକାପାଦ, ୨।୭ (ସମିସ): ଚକାପାଦ ବ୍ଲକ ଆରାୱାକା ନିକଟ କେନ୍ଦୁଗୁଡାରି ଛକରେ ଅଟୋ ସହ କାର୍ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ଅଟୋ ଚାଳକ ଚରଣ ବେହେରା ଟିକାବାଲିରୁ ନିଜ ଗ୍ରାମ ବଲସକୁମ୍ପା ଯାଉଥିବା ବେଳେ ଫୁଲବାଣୀରୁ ଆସୁଥିବା ଏକ କାର୍ ସହ ଧକ୍କା ହୋଇଥିଲା। ଆହତ ଅଟୋ ଚାଳକଙ୍କୁ ପ୍ରଥମେ ଟିକାବାଲି ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ଗୁଦାରୀ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ



ଚକାପାଦ, ୨।୭ (ସମିସ): ଖଜୁରୀପଡ଼ା ବ୍ଲକ ଗୁଦାରୀ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ତିତିକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେସନ ଏମ୍‌ଡି ଜିତେନ୍ଦ୍ର ସୁନା ଓ ସଭାପତି ବିନୋଦ କୁମାର ବାଘ ଯୋଗ ଦେଇଥିଲେ। ଜିଲ୍ଲାର ବେକାରୀ ଯୁବକ/ଯୁବତୀ କିପରି ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ଆଲେଚନା କରାଯିବା ସହିତ ଗରିବ ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜରୁରୀକାଳୀନ ପରିସ୍ଥିତିରେ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହଯୋଗ ଉପର ଆଲୋଚନା କରାଯାଇଥିଲା। ଏଥିରେ ଗୋବିନ୍ଦ କହଁର, ତନୁଜା କହଁର, ମଞ୍ଜୁଶ୍ରୀ କହଁର, ବିମଳ ଦେହୁରୀ ଓ ବସନ୍ତ କୁମାର ଦିଗାଲ ସହଯୋଗ କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଚାରାରୋପଣ କରାଯାଇଥିଲା। 'ମା' ପାଇଁ ଗଛଟିଏ' ଅଭିଯାନରେ




ବିଦ୍ୟାଳୟ ପରିସରରେ ସ୍କାଉଟ୍ ଓ ଗାଇଡ୍‌ର ଛାତ୍ରଛାତ୍ରୀଙ୍କ ସହଯୋଗରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁରେଶ କୁମାର ପାତ୍ର, ଅନୁଷ୍ଠାନର କୋଷାଧକ୍ଷ ପ୍ରମୋଦ କୁମାର ପାଢ଼ୀ, ଶିକ୍ଷାବିକାଶ ସମିତିର କାର୍ଯ୍ୟକର୍ତ୍ତା ଅରୁଣ କୁମାର ବାଗ, ସରୋଜ କୁମାର ପଟ୍ଟନାୟକ, ପ୍ରକାଶଚନ୍ଦ୍ର ତ୍ରିପାଠୀ, ସଂଗ୍ରାମ ମହାନ୍ତି, ମନୋଜ କୁମାର ଦାସ, ବିଦ୍ୟାଳୟର ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସାହୁ, ଶାରୀରିକ ଶିକ୍ଷକ ରାଜେଶ କରାଇ, ପ୍ରଧାନ ଆଚାର୍ଯ୍ୟା ସରୋଜ କୁମାର ପଣ୍ଡା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଅବ୍ୟବସ୍ଥାରେ ଗାରାବନ୍ଧ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ

# ୨୭୩ ଛାତ୍ରଛାତ୍ରୀଙ୍କୁ ୪ ଶ୍ରେଣୀଗୃହ; ନାହିଁ ପାନୀୟଜଳ ବ୍ୟବସ୍ଥା

- ଭଗ୍ନ ସ୍ଥିତିରେ ସୁରକ୍ଷା ପାଚେରି
- ବର୍ଷକ ପୂର୍ବେ ନିର୍ମିତ ଶ୍ରେଣୀଗୃହରୁ ଗଳୁଛି ପାଣି










ପାରଳାଖେମୁଣ୍ଡି, ୨।୭ (ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ବ୍ୟାପକ ଅବ୍ୟବସ୍ଥା ଘେରରେ ଗତି କରୁଛି। ଶିକ୍ଷାଦାନ ଓ କ୍ରୀଡ଼ା ବ୍ୟବସ୍ଥାକୁ ଛାଡିଦେଲେ ଭିତ୍ତିଭୂମୀ ଠାରୁ ଆରମ୍ଭ କରି ଛାତ୍ରାବାସରେ ପାନୀୟ ଜଳ ସମସ୍ୟା, ବିଦ୍ୟାଳୟର ସୁରକ୍ଷା ପାଚେରୀ ଭାଙ୍ଗିବା, ଶ୍ରେଣୀ କକ୍ଷ ଅଭାବ ଆଦି ସମସ୍ୟା ଲାଗି ରହିଛି। ଏହାସହ ଶ୍ରେଣୀ କକ୍ଷରେ ପାଣି ଗଳିବା ସହ ବିଦ୍ୟାଳୟର ବାରଣ୍ଡା ଭାଙ୍ଗିଯାଇଛି। ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ବିଦ୍ୟାଳୟର ବିକାଶ ଲାଗି ସ୍ଥାନୀୟ ସରପଞ୍ଚ ଓ ଅନ୍ୟମାନେ ବ୍ଲକ, ଜିଲ୍ଲାପ୍ରଶାସନ ଠାରେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନଥିବା ଅଭିଭାବକ କହିଛନ୍ତି।

ଏହି ବିଦ୍ୟାଳୟ ୧୯୭୬ ମସିହାରେ ସ୍ଥାପିତ ହେବା ପରଠାରୁ ଅଞ୍ଚଳରେ ଶିକ୍ଷାର ବିକାଶ ଘଟିଥିଲା। ବିଦ୍ୟାଳୟରେ ପାଠପଢ଼ି ଅନେକ ଛାତ୍ରଛାତ୍ରୀ ଆଜି ପ୍ରତିଷ୍ଠିତ ହୋଇ ଖ୍ୟାତି ଅର୍ଜନ କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷାଦାନ ନିମନ୍ତେ ପ୍ରଧାନ ଶିକ୍ଷକଙ୍କ ସମେତ ୨୧ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ରହିଥିବା ବେଳେ ୨୭୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ପାଠପଢ଼ା ପାଇଁ କେବଳ ୪ ଗୋଟି ଶ୍ରେଣୀକକ୍ଷ ରହିଛି। ଆଉ ୪ଟି ଶ୍ରେଣୀକକ୍ଷର ଆବଶ୍ୟକତା ରହିଛି। ବର୍ତ୍ତମାନ ଯେଉଁସବୁ କକ୍ଷରେ ପାଠ ପଢ଼ାଯାଉଛି ଗତ କିଛିବର୍ଷ ପୂର୍ବେ ସେସବୁର ନବୀକରଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁଁ ବର୍ଷା ଦିନରେ ଲାଇବ୍ରେରୀ, ବିଜ୍ଞାନାଗାର, ଦୁଇ ଗୋଟି ସ୍ମାର୍ଟ ଶ୍ରେଣୀ ଗୃହରେ ପାଣି ଭାସୁଛି। କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ଝାଡୁପୋଛା କରି ପାଠ ପଢ଼ାଉଛନ୍ତି। ଏହି ନବୀକରଣ ଶ୍ରେଣୀ ଗୃହର ପିଣ୍ଡାରେ ବିଭିନ୍ନ ସ୍ଥାନର ଟାଇଲ୍ସ ଗୁଡିକ ପାଦଦେଲେ ଖଣ୍ଡଖଣ୍ଡ ହୋଇଯାଉଛି।

ସେହିପରି ଶ୍ରେଣୀ କକ୍ଷ ଅଭାବରୁ ପିଲାଙ୍କୁ ମଧ୍ୟାହ୍ନଭୋଜନ ନିମନ୍ତେ ହୋଇଥିବା ଡାଇନିଂ ହଲ୍‌ରେ ପାଠ ପଢ଼ାଯାଉଛି। ସେହିଭଳି ପୁରୁଣା ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏକ ଅତିରିକ୍ତ କକ୍ଷରେ ମଧ୍ୟ ପାଠ ପଢ଼ା ଯାଉଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ସୁରକ୍ଷା ପାଚେରୀ ରହିଥିଲେ ମଧ୍ୟ ଏହା ଥାକଥାକ ହୋଇ ଭାଙ୍ଗିଯାଉଛି। ଭଙ୍ଗା କାନ୍ଥ ବାଟ ଦେଇ ବିଦ୍ୟାଳୟ ମଧ୍ୟକୁ ଗାଈଗୋରୁ ପଶି ଆସୁଥିବା ବେଳେ ସଞ୍ଜ ନଇଁଲେ ଅସାମାଜିକଙ୍କ ଆଡ୍ଡା ଜମୁଛି।

ବିଦ୍ୟାଳୟ ପରିସରରେ ଥିବା ସିମେଣ୍ଟ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଗୋଡ଼ି ଦେଖାଦେଲାଣି। ସେହିଭଳି ବିଦ୍ୟାଳୟର ଏକ ଖେଳପଡ଼ିଆ ଥିବାବେଳେ ଏହା ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି।

ସୂଚନା ଯୋଗ୍ୟ ଯେ, ଏହି ଖେଳପଡ଼ିଆରେ ଅନେକ ଛାତ୍ରଛାତ୍ରୀ ଖେଳି ଅନ୍ତର୍ଜାତୀୟ ସ୍ତରରେ ଖେଳାଳିବାର ସୁଯୋଗ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶହେ ଶଯ୍ୟା ଆଦିବାସୀ ଛାତ୍ରାବାସ ରହିଥିଲେ ମଧ୍ୟ ସେଥିରେ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ ହୋଇଛି। ଏପରି ଅବ୍ୟବସ୍ଥାରେ ଥିବା ବିଦ୍ୟାଳୟର ସମସ୍ୟା ସୁଧୁରିବ କେବେ ବୋଲି ଅଞ୍ଚଳବାସୀ ଏବେ ପ୍ରଶ୍ନ କରିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଧରାକୋଟ,୨।୭(ସମିସ): ଧରାକୋଟ ବ୍ଲକ ଅନ୍ତର୍ଗତ ଘୋଡ଼ାଦେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏସ୍‌ଏମ୍‌ସି ସଭାପତି ରାମଚନ୍ଦ୍ର ବିଷୋୟୀ, ସଦସ୍ୟ ଗୋବିନ୍ଦ ବିଷୋୟୀ, ନିରଞ୍ଜନ ସାହୁ, ବିଭୂତି ବିଷୋୟୀଙ୍କ ସମେତ ଶିକ୍ଷକ ସୀମାଞ୍ଚଳ ଗୌଡ଼, ସଦାନନ୍ଦ ତ୍ରିପାଠୀ, ମହେନ୍ଦ୍ର ଷଡ଼ଙ୍ଗୀ, ତପନ ତ୍ରିପାଠୀ, ହର୍ଷ ବିଷୋୟୀ, କେ. ଟୁନା ଦୋରା, ପୁରୁଷୋତ୍ତମ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟନିଷ୍ଠ ଗୁଣ, ଶିକ୍ଷାଦାନ ପ୍ରଣାଳୀ, ଛାତ୍ରବତ୍ସଳ ଗୁଣ ସହ ଅମାୟିକ ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲେ।

## ଜଙ୍ଗଲ ବିଭାଗର ପକ୍ଷରୁ ଚାରା ବିତରଣ



ଧରାକୋଟ,୨।୭(ସମିସ): ଘୁମୁସର ଦକ୍ଷିଣ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଧରାକୋଟ ବନପାଳ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ଚାରା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବନପାଳ ରାଜୁ ଶବରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଧରାକୋଟ ସରପଞ୍ଚ ପୁନିଆ ଦାସ ଶୁଭାରମ୍ଭ କରିଥିବା ବେଳେ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ଗ୍ରାମ୍ୟ ଜଳ ଯୋଗାଣ ସଭାପତି ସୁନିଲ ଗୌଡ଼ ଉପସ୍ଥିତ ଥିଲେ। ବନ ବିଭାଗ ତରଫରୁ ୫୦ ହଜାର ଶାଗୁଆନ, ସୀତାଫଳ, ଅଁଳା, ଅମୃତଭଣ୍ଡା, କଇଠ, ଆକାସିଆ ଓ କଦମ୍ବ ଚାରା ଧରାକୋଟ, ବରଡ଼ାବିଲି ଓ ଖିରିଡ଼ାରେ ଏହି ଚାରା ବିତରଣ କରାଯାଉଛି। ବନରକ୍ଷୀ ରାକେଶ ପରିଡ଼ା, ସରୋଜ ନାୟକ, ଟୁମକି ନାୟକ ଓ ରଶ୍ମିତା ଚୌଧୁରୀ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବେଲଗୁଣ୍ଠା,୨।୭(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରାମାନୁଜ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ପଟ୍ଟନାୟକ ଉପଢ଼ୌକନ ଓ ଉପହାର ଦେଇ ରାମାନୁଜ ନାୟକଙ୍କୁ ସମ୍ବର୍ଦ୍ଧନା କରିଥିଲେ। ମଞ୍ଚାସୀନ ଅତିଥି ଅଧ୍ୟାପକ ସପନ କୁମାର ପ୍ରଧାନ, ଅଜୟ କୁମାର ବିଶ୍ୱାଳ, ଅଶୋକ କୁମାର ପ୍ରଧାନ, ରଞ୍ଜିତ୍ କୁମାର ସମାଲ, ବିଶ୍ୱରଞ୍ଜନ ସ୍ୱାଇଁ ଓ ପିଙ୍କି ପାତ୍ର ଏବଂ ଲକ୍ଷ୍ମୀ ଗୌଡ଼ ଉପସ୍ଥିତ ରହି ମନ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼. ପ୍ରଫୁଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେସ କ୍ଲବ୍ ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବିଧାୟକ

ଜି.ଉଦୟଗିରି,୨।୭(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ପ୍ରେସ କ୍ଲବ ସଭାଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ବିଧାୟକ ପ୍ରଫୁଲ ପ୍ରଧାନ ଆସନ୍ତା ୫ ତାରିଖରେ କରିବେ। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ପ୍ରେସ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଶ୍ରୀ ପ୍ରଧାନଙ୍କ ସହ ଆଲୋଚନା କରାଯାଇଥିଲା। ସାମ୍ବାଦିକ ଅରୁଣ କୁମାର ଷଡ଼ଙ୍ଗୀ, ଗଗନ କୁମାର ପ୍ରଧାନ, ଅନିଲ କୁମାର ଦଳବେହେରା, ସମିର କୁମାର ପାଢ଼ୀ, ବଟକୃଷ୍ଣ ଦାସ, ଚିନ୍ମୟ କୁମାର୍ ସେଠୀ, ଦେବନାଥ ଦଳବେହେରା, ପ୍ରଶାନ୍ତ କୁମାର ମିଶ୍ର, ପତିତପାବନ ସାହୁ ଓ ସାମନ୍ତ ଶେଖର ନାୟକ ଯୋଗ ଦେଇ ଆଲେଚନାରେ ଅଂଶଗ୍ରହଣ କରିଥିଲେ।



# ଅଟୋ ଓ ବାଇକ ମୁହାଁମୁହିଁ; ୩ ଗୁରୁତର

ଦାରିଙ୍ଗବାଡ଼ି,୨।୭(ସମିସ)

ଦାରିଙ୍ଗବାଡ଼ି ବ୍ଲକ ପାଙ୍ଗାଲି ଘାଟିରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କାରେ ୬ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ଥାନା ଅଧିକାରୀ କନକ କୁମାର ମାଝୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରୁ ଆହତଙ୍କୁ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତ ୬ଜଣଙ୍କ ମଧ୍ୟରୁ ତିନିଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲଙ୍କୁ ରେଫର କରାଯାଇଥିବା ସୂଚନା ମିଳିଛି। ରେଫର ହୋଇଥିବା ତିନିଜଣ ହେଲେ ଗହକିଆ ଗ୍ରାମର ଅମିର ବଳିୟାରସିଂ (୨୧), ଫିରଜ ବଳିୟାରସିଂ(୨୦) ଓ କିଲାବାଡ଼ି ଗ୍ରାମର ପିତର ପ୍ରଧାନ (୨୧)। ଅନ୍ୟ ତିନିଜଣ ଆହତ ହେଲେ ସମ୍ବିଳ ମଲିକ (୨୦), ପିଙ୍କୁ ଦିଗାଲ (୨୧) ଓ ଲିପୁନ ଦିଗଲ(୧୯)। ଗହକିଆ ଗ୍ରାମର ଅମିର ବଳିୟାରସିଂ, ଫିରଜ ବଳିୟାରସିଂ, ଲିପୁନ ଦିଗଲ ଓ ପିଙ୍କୁ ଦିଗାଲ କୌଣସି କାମରେ ଦାରିଙ୍ଗବାଡ଼ି ଆସି ଗାହାକିଆ ଗ୍ରାମକୁ ଅଟୋରେ ଫେରୁଥିଲେ। ସେହି ସମୟରେ କିଲାବାଡ଼ି ଗ୍ରାମର ପିତର ପ୍ରଧାନ ଓ ସମ୍ବିଳ ମଲିକ ବାଇକ୍‌ରେ ଟେକାବାଡ଼ି ଗ୍ରାମରୁ ଦାରିଙ୍ଗବାଡ଼ିକୁ ଆସୁଥିଲେ। ପାଙ୍ଗାଲି ଘାଟିରେ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା।

## ବାଇକ୍‌କୁ ଧକ୍କା ଦେଇ ପଳାଇଲା ଅଟୋ

● ବାଇକ୍ ଚାଳକ ଗୁରୁତର

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨।୭(ସମିସ): ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇ ପଳାଇଲା ଅଟୋ। ଫଳରେ ବାଇକ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ସୂଚନା ପ୍ରକାରେ କୌଣସି ଏକ କାମ ନେଇ ବ୍ରାହ୍ମଣୀଗାଁ ଆସି କାମ ସାରି ନିଜ ଗ୍ରାମ କସବସାକୁ ଫେରୁଥିବା ବେଳେ ବ୍ରାହ୍ମଣୀଗାଁ ନିକଟସ୍ଥ ବଙ୍ଗଡଦୁଆ ଘାଟିରେ ଦୁର୍ଘଟଣା ଘଟିଥିଲା। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଅଟୋ ବାଇକକୁ ଜୋରରେ ଧକ୍କା ଦେଇ ପଳେଇ ଗଲା ଫଳରେ ବାଇକ ଆରୋହୀ ଜଣକ ଘଟଣା ସ୍ଥଳରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଅନ୍ୟ ଏକ ଅଟୋ ଚାଳକ ରାସ୍ତା ଉପରେ ଗୁରୁତର ଆହତ ହୋଇ ପଡ଼ି ଥିବା ଦେଖି ନିଜ ଅଟୋ ଯୋଗେ ବ୍ରାହ୍ମଣୀଗାଁ ମେଡ଼ିକାଲ କୁ ପହଞ୍ଚାଇ ଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଅଧିକ ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରିଥିଲେ। ଗୁରୁତର ଆହତ ଜଣକ ହେଲେ ହାତିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କସବସା ଗ୍ରାମର ସଂଗ୍ରାମ ନାୟକ (୨୫) ବୋଲି ଜଣାପଡ଼ିଛି।

## ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ପୁରୁଷୋତ୍ତମପୁର,୨।୭(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ନୂତନ ଏସ୍‌ଡିପିଓ ଭାବେ ସୁଜିତ କୁମାର ନାୟକ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ସେ ଭଞ୍ଜନଗର ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ଏସଡିପିଓ ଡଃ ଦୀପକ କୁମାର ମିଶ୍ର ଭଞ୍ଜନଗର ଏସଡିପିଓ ଭାବେ ବଦଳି ହୋଇଛି। ସୁଜିତ କୁମାର ନାୟକ କାର୍ଯ୍ୟରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ, ପୋଲିସ ଲୋକଙ୍କୁ ସମ୍ମାନ ଦେବା ଓ ଉପଯୁକ୍ତ ନ୍ୟାୟପ୍ରଦାନ କରିବା ପ୍ରଥମ କର୍ତ୍ତବ୍ୟ। ସମସ୍ତ ଗ୍ରାମକୁ ଅପରାଧ ମୁକ୍ତକରି ଭାଇଚାରା ସୃଷ୍ଟି କରିବା ପ୍ରଥମ ଲକ୍ଷ୍ୟ ରହିବ। ଏଥିସହ ବରିଷ୍ଠ ନାଗରିକ, ଶିଶୁ ଓ ମହିଳାଙ୍କ ସମେତ ସମସ୍ତ ଜନସାଧାରଣଙ୍କୁ ସୁରକ୍ଷା ଦେବା ଦିଗରେ ପଦକ୍ଷେପ ନେବାର କହି ଜନସାଧାରଣଙ୍କ ସହଯୋଗ ଲୋଡିଛନ୍ତି।

## 'ଗଜପତି ଜିଲ୍ଲା ବିକାଶରେ ସ୍ୱେଚ୍ଛାସେବୀ ସଂଗଠନ ଭୂମିକା ରହିଛି'



ପାରଳାଖେମୁଣ୍ଡି,୨।୭(ସମିସ): ଗଜପତି ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ଯେଉଁଠି ସମତଳ ଜମିର ଅଭାବ ପରିଲକ୍ଷିତ ହୋଇଥାଏ। ତଥାପି କୃଷି ଭିତ୍ତିକ କାର୍ଯ୍ୟକ୍ରମ ସହ ଉଦ୍ୟାନ ଭିତ୍ତିକ ବିକାଶର ଆବଶ୍ୟକତା ରହିଛି। ବିଶେଷ କରି କୁଇନ୍ ସପୁରୀ, ଖଜୁରୀ ପଣସ ଏବେବି ବଜାରୀକରଣରେ ସାର୍ବଜନୀନ ହେବାସହ ଉପାନ୍ତ ଆଦିବାସୀବହୁଳ ଅଞ୍ଚଳରେ ଆଦାୟ ଭିତ୍ତିକ କାର୍ଯ୍ୟକ୍ରମ ବହୁଳ ଭାବେ ହୋଇପାରିବ। ଏଭଳି ସ୍ଥିତିରେ ଗଜପତି ଜିଲ୍ଲାର ବିକାଶରେ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା ରହିଛି ବୋଲି ପାରଳାଖେମୁଣ୍ଡି ସ୍ଥିତ ଏସ୍‌ଡବ୍ଲୁଡବ୍ଲୁଏସ୍ ସଂଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ସମାବେଶରେ ଅଗ୍ରଗାମୀ ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତ ଦାସ କହିଛନ୍ତି। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସିସିଡିର ସଂପାଦକ ଏ.ଜଗନ୍ନାଥ ରାଜୁ, ଜନ କଲ୍ୟାଣ ପ୍ରତିଷ୍ଠାନର ସଂପାଦକ ଦୁର୍ଗାମାଧବ ପଣ୍ଡା, ଅଗ୍ରଗାମୀର ପ୍ରମୋଦ କୁମାର ପଣ୍ଡା ଏବଂ ରଙ୍ଗାଧର ବେହେରା, ଇସାରାର ଜଗଦୀଶ ପଣ୍ଡିତ, ଏସ୍‌ଡବ୍ଲୁଡବ୍ଲୁଏସ୍‌ର ପରିଚାଳନା ସଦସ୍ୟ ଭାଗବତ ପାଢୀ, ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ପି. ସୁନୀତା ମତାମତ ଦେଇଥିଲେ। ଶେଷରେ ସୁରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବାଟିକାରେ ରଥଯାତ୍ରା ପାଳିତ



ମୋହନା,୨।୭(ସମିସ): ଗଜପତି ଜିଲ୍ଲା ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ପ୍ରମୁଖ ଗୁରୁମା ପ୍ରତିମା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରଥଯାତ୍ରାରେ ଛୋଟ ରଥ ନିର୍ମାଣ କରି ସେଥିରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଶିଶୁମାନେ ପୂଜାର୍ଚ୍ଚନା କରିଥିଲେ। ବିଧି ଅନୁଯାୟୀ ଜଣେ ଶିଶୁ ରାଜା ବେଶରେ ଛେରା ପହଁରା କରିଥିଲେ। ଏହାପରେ ଶିଶୁମାନେ ରଥ ଟାଣିଥିଲେ। ଛୋଟ ଛୋଟ ଶିଶୁଙ୍କ ମନରେ ରଥଯାତ୍ରା ଓ ତିନି ଠାକୁରଙ୍କ ସମ୍ପର୍କରେ ଜାଣିବା ପାଇଁ ଏହିଭଳି ପ୍ରତିବର୍ଷ ବିଦ୍ୟାଳୟରେ ରଥଯାତ୍ରା କରାଯାଉଛି ବୋଲି କହିଛନ୍ତି ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀ। ଏହି କାର୍ଯ୍ୟକ୍ରମକୁ ଗୁରୁମା ଦିବ୍ୟ ବେହେରା, ପ୍ରିୟଙ୍କା ପଟ୍ଟନାୟକ ପରିଚାଳନା କରିଥିଲେ।

## ସୁଲଭ ଶୌଚାଳୟ ବାଟ ଓଗାଳୁଛି ମେଟାଲ୍ ଗଦା



ଟିକାବାଲି,୨।୭(ସମିସ): ବହୁ ପ୍ରତୀକ୍ଷିତ ସୁଲଭ ଶୌଚାଳୟ ଖୋଲିଲା କିନ୍ତୁ ଏପର୍ଯ୍ୟନ୍ତ ସରିନି ଲୋକଙ୍କ ଦୁଃଖ। କନ୍ଧମାଳ ଜିଲ୍ଲା ଟିକାବାଲି ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ନବନିର୍ମିତ ଶୌଚାଳୟ ବହୁଦିନ ଧରି ତାଲା ବନ୍ଦ ହୋଇ ରହିଥିଲା। ଖବର ପ୍ରସାରଣ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ଶୌଚାଳୟକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି କ୍ରମେ ଶୌଚାଳୟ କାର୍ଯ୍ୟକାରୀ ହେଲା। ହେଲେ ଦ୍ୱାର ସମ୍ମୁଖରେ ଗଦାହୋଇ ରହିଥିବା ମେଟାଲ ଯୋଗୁ ଶୌଚାଳୟକୁ ଯିବା ଆସିବାରେ ବହୁ ଅସୁବିଧା ହେଉଥିବା ଅଭିଯୋଗ ହେଉଛି। କର୍ତ୍ତୃପକ୍ଷ ଏସମ୍ପର୍କରେ ନିରବଦ୍ରଷ୍ଟା ସାଜିଛନ୍ତି।

# ବର୍ଷାରେ ଭାସିଗଲା ପୋଲ, ୫ ପଞ୍ଚାୟତ ବିଚ୍ଛିନ୍ନ



ପୋଡ଼ାଗଡ,୨।୭(ସମିସ): ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକ ଅଭାବ ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଏଥିଯୋଗୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି, କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବା ଲାଇଫ୍ ଲାଇନ ରୋଡ କୁହାଯାଉଥିବା ଜମାନ ଗାଡ଼ ପୋଲ ନିର୍ମାଣ ସ୍ଥାନରେ। ଡ୍ରାଇର୍ଭସନ୍ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ବର୍ଷା ଦିନ ଆସିଲେ ଏହି ପୋଲ ଉପରେ ପାଣି ପ୍ରବାହିତ ହୁଏ। ଏହା ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ପ୍ରଶାସନକୁ ମଧ୍ୟ ବେଶ୍ ଭଲ ଭାବେ ଜଣା। ହେଲେ ଏଥିପ୍ରତି କାହାର ମଧ୍ୟ ନିଘା ନାହିଁ। ଯାହା ଫଳରେ ଏଠିକାର ସାଧାରଣ ଜନତା ଏବେ ଦୁର୍ଦ୍ଦଶାରେ ଘାଣ୍ଟି ହେଉଛନ୍ତି। ମାସେ, ଦେଢ଼ ମାସ ଭିତରେ କାମ ସାରିବାକୁ ଭାଉ ମାରୁଥିବା ଠିକାଦାର ଓ ସୁପରଭାଇଜରଙ୍କର ଏବେ ଦେଖା ନାହିଁ। ଠିକାଦାର କେତନ ବିଶୋଇ ପ୍ରାୟ ୬୦ ପ୍ରତିଶତ କାମ କରିଥିବା ବେଳେ ତାହା ଅତି ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିବା ପରେ କନିଷ୍ଠ ଯନ୍ତ୍ରୀ ଲଳିତ କୁମାର ମହନ୍ତ ତାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଲଗାଣ ବର୍ଷା ଯୋଗୁଁ ଏବେ ଏହି ଡ୍ରାଇଭର୍ସନ୍ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଫଳରେ ଦଶମନ୍ତପୁର ବ୍ଲକରୁ ୫ ଖଣ୍ଡ ପଞ୍ଚାୟତ ଏବେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଆଗକୁ ବର୍ଷା ଲାଗି ରହିବ। ତେବେ ପ୍ରଶାସନ ସାଧାରଣ ଲୋକଙ୍କ ଯାତାୟାତ ନିମନ୍ତେ କେତେ ତତ୍ପରତା ଦେଖାଉଛନ୍ତି, ତାକୁ ହିଁ ଅପେକ୍ଷା।

# ବିଭିନ୍ନ ଅଞ୍ଚଳରେ ବନ ମହୋତ୍ସବ ଓ ଚାରାରୋପଣ



ଫିରିଙ୍ଗିଆ,୨।୭(ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ ବିଭାଗ ତରଫରୁ ମଙ୍ଗଳବାର ଠାରୁ ସପ୍ତାହ ବ୍ୟାପି ବନମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଗାମୀ ୭ ଦିନ ଧରି ଏହି ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ପ୍ରଥମ ଦିନରେ ଫିରିଙ୍ଗିଆ ପିଏମ ଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ପ୍ରଦୋଷ କୁମାର ମହାରଣା ଯୋଗ ଦେଇ ଚାରାରୋପଣ ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଏସମ୍ପର୍କରେ ସଚେତନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବନରକ୍ଷୀ ସୁଜିତ କୁମାର ପ୍ରଧାନ, ପ୍ରଦାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ନିରଞ୍ଜନ ମିଶ୍ର, ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ ଲିଡର ବିଭୁ ପ୍ରସାଦ ପ୍ରଧାନ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ୫୦ ବିଭିନ୍ନ ଗଛର ଚାରାରୋପଣ କରାଯାଇଥିଲା।

ସେହିପରି ଗୋଛାପଡ଼ା ବଇଲି କିଆଚାରା ଉଦ୍ୟାନ ନିକଟରେ ଅନୁଷ୍ଠିତ ବନମହୋତ୍ସବ କାର୍ଯ୍ୟକ୍ରମରେ ଗୋଛାପଡ଼ା ସରପଞ୍ଚ ଯୁଗାନ୍ତ କହଁର ଉପସ୍ଥିତ ରହି ଜନସାଧାରଣଙ୍କୁ ବନ ମହୋତ୍ସବ ଉପରେ ସଚେତନ କରିବା ସହ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଛା ପଡ଼ା ବନପାଳ ଦିଲୀପ କୁମାର ବିଶୋଇ, ବନରକ୍ଷୀ ଅଚ୍ୟୁତ ଗଣ୍ଡା, ମୁକେଶ ପ୍ରଧାନଙ୍କ ସହ ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଟିମ ଲିଡର ମନୋଜ କୁମାର ସାହୁ, ଡିଓ ଏବଂ ଅଞ୍ଚଳ ର ବହୁ ଜନସାଧାରଣ ଯୋଗ ଦେଇଥିଲେ। ଏହି ମହୋତ୍ସବ କାର୍ଯ୍ୟକ୍ରମ ରେ ଏକ ହଜାର ବିଭିନ୍ନ ଚାରା ରୋପଣ କରାଯାଇଥିଲା।

● ୯ ରେ ଦେଶବ୍ୟାପୀ ହରତାଳ

# ଗଜପତି ଜିଲ୍ଲା ଏଆଇଟିୟୁସିର ବୈଠକ




ପାରଳାଖେମୁଣ୍ଡି,୨।୭(ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, ଯୁବ, ଛାତ୍ର ସ୍ୱାର୍ଥ ବିରୋଧୀ ନୀତି ଦେଶର ସଂଖ୍ୟାଗରିଷ୍ଠ ଜନଗଣଙ୍କ ଜୀବନଧାରଣକୁ ଦୁର୍ବିସହ କରିଥିବାରୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେସନଙ୍କ ସଂଯୁକ୍ତ ମୋର୍ଚ୍ଚା ଜୁଲାଇ ୯ରେ ଦେଶବ୍ୟାପୀ ହରତାଳ ଓ ସାଧାରଣ ଧର୍ମଘଟ ଡାକରା ଦେଇଛି। ଏହାକୁ ସଫଳ କରିବାକୁ ମଙ୍ଗଳବାର ଏଆଇଟିୟୁସି ଗଜପତି ଜିଲ୍ଲା କମିଟି ପକ୍ଷରୁ ଏକ ବୈଠକ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସସ୍ମିତା ବଡ଼ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଯୋଜକ ନରସିଂହ ମାଳବିଶୋୟୀ ବିବରଣୀ ଉପସ୍ଥାପନ କଲା ପରେ ଏଆଇଟିୟୁସି ରାଜ୍ୟ ସଂପାଦକ ଜୟନ୍ତ ଦାସ ଜୁଲାଇ ୯ରେ ସାଧାରଣ ଧର୍ମଘଟ ଓ ହରତାଳ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଏଆଇଟିୟୁସି ଜିଲ୍ଲା ଆବାହକ ରଞ୍ଜନ ମହାପାତ୍ର, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ଇସ୍ରାଏଲ ମାଲୀ, ପ୍ରାଚିସ୍ମିତା ନାଏକ, ନିରଞ୍ଜନୀ ମାଲୀ, ଶର୍ମିଷ୍ଠା ମିଶ୍ର, ଗଜପତି ଜିଲ୍ଲା ମୋଟର କର୍ମଚାରୀ ସଂଘର ଜଗନ୍ନାଥ ରାଓ, ସରୋଜିନୀ ବେହେରା, କୁମୁଦିନୀ ଲିମା, ପନିନା ଶବର, ହେମାମାଳିନୀ ପରିଛା ଓ ଜ୍ୟୋତ୍ସ୍ନା ପାଇକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

